## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୦୯।୨୦୨୧

| | |
|---|---|
| ୩,୬୭,୧୬୧ ଟଙ୍କା | |
| ସୁନା | ୧୩.୨୧୦ ଗ୍ରାମ |
| ରୁପା | ୯.୬୮୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏକତା ପରିଷଦ ପକ୍ଷରୁ ବିଶ୍ୱରେ ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ପାଇଁ ପଦଯାତ୍ରା, କାର୍‌ଗିଲ ସାହି, ପୋଖରୀପୁଟଠାରୁ ମଙ୍ଗଳା ସାହି, ଗଣ୍ଡମୁଣ୍ଡା, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା ଦିବସ ପାଳନ, ଡ.ଏମ୍‌.ଏସ୍‌. ସ୍ୱାମୀନାଥନ ସମ୍ମିଳନୀ କକ୍ଷ, ଓୟୁଏଟି, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟ୍ରାଲ ଟ୍ରେଡ୍ ୟୁନିୟନର ସ୍କିମ ୱାର୍କର୍ସ ପକ୍ଷରୁ ବିଭିନ୍ନ ଦାବି ନେଇ ପଦଯାତ୍ରା, ମାଷ୍ଟର କ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- କଂଗ୍ରେସର ମିଡିଆ ସେଲ ଚେୟାରପର୍ସନ ଗଣେଶ୍ୱର ବେହେରାଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ୦୫।
- ଶିବାନନ୍ଦ ସେଣ୍ଟେନାରି ବଏଜ୍ ସ୍କୁଲ ପକ୍ଷରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀ ପାଳନ, ସ୍କୁଲ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ସନ୍ଧ୍ୟା ୬ଟା ୩୦।

# କଟକଣାରେ ହେବ ଦୁର୍ଗାପୂଜା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)



## ବିଏମ୍‌ସି ଜାରି କଲା ଗାଇଡ୍‌ଲାଇନ୍

- ପୂଜାମଣ୍ଡପ ୩ ପଟୁ ବନ୍ଦ ରହିବ
- ୭ରୁ ଅଧିକ ଲୋକ ରହିବେନି
- ନାଚଗୀତ, ଶୋଭାଯାତ୍ରା, ଆତସବାଜି ମନା

ପାଖେଇ ଆସିଲାଣି ଦୁର୍ଗାପୂଜା। କଟକଣା ଭିତରେ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଗୁରୁବାର ଦଶହରା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନୂଆ ଗାଇଡ୍‌ଲାଇନ୍ ଜାରି କରିଛି। ପୂଜାକୁ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ କରିବା ସହିତ କରୋନା କଟକଣାକୁ ଠିକ୍ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଧି ପାଳନ ପୂର୍ବକ ବିନା ଭକ୍ତରେ ଦଶହରା ପୂଜା କରାଯିବ। ପୂଜାମଣ୍ଡପ ବା ପେଣ୍ଡାଲକୁ ୩ପଟୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବ। ସମ୍ମୁଖ ପାର୍ଶ୍ୱ ଆଶିଂକ ଭାବେ ଖୋଲା ରହିବ। ପୂଜା ପରେ ସମ୍ମୁଖ ଭାଗକୁ ମଧ୍ୟ ବନ୍ଦ ରଖାଯିବ, ଯେପରି କୌଣସି ଭକ୍ତ ମା'ଙ୍କ ଦର୍ଶନ କରି ପାରିବେ ନାହିଁ। ମୂର୍ତ୍ତିର ଉଚ୍ଚତା ୪ଫୁଟରୁ କମ୍ ରହିବା ସହ କୌଣସି ସାଂସ୍କୃତିକ କିମ୍ବା ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ ନାହିଁ। ମଣ୍ଡପ ବା ପେଣ୍ଡାଲରେ କର୍ତ୍ତା, ପୂଜକ ଓ ଅନ୍ୟମାନଙ୍କୁ ମିଶାଇ ୭ଜଣରୁ ଅଧିକ ଲୋକ ରହି ପାରିବେ ନାହିଁ। ସେହିପରି ଭସାଣି ଉତ୍ସବରେ କୌଣସି ପ୍ରକାରର ଶୋଭାଯାତ୍ରା, ଆତସବାଜି ଆଦି କରାଯାଇ ପାରିବ ନାହିଁ। ଏଥିରେ ସର୍ବାଧିକ ୧୦ଜଣ ବ୍ୟକ୍ତି ଯୋଗ ଦେଇପାରିବେ। ଭସାଣିରେ ସାମିଲ ହେଉଥିବା ବ୍ୟକ୍ତିମାନେ ଯେପରି ଦ୍ୱିତୀୟ ଡୋଜ୍ ଟିକାକରଣ ନେଇଥିବେ ତାହା ପୂଜା କମିଟି ତଦାରଖ କରିବ। ମୂର୍ତ୍ତିଗୁଡିକୁ ବିଏମ୍‌ସି ପକ୍ଷରୁ ନିର୍ମିତ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ ବୋଲି ନିର୍ଦ୍ଦେଶ ରହିଛି।



ଡିପ୍ଲୋମା ଅଯୁଗ୍ମ ସେମିଷ୍ଟର ପରୀକ୍ଷା ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଓଡ଼ିଶା ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଏସ୍‌ସିଟିଇଭିଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## କୋଭିଡ୍ ନିୟମ ଉଲ୍ଲଂଘନ, ଜରିମାନା ଦେଲେ ବିଜେଡି ନେତା

ଡେଲାଙ୍ଗ ୨୩।୯(ଡି.ଏନ୍‌.ଏ.)

ପୁରୀ ଜିଲା ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତରେ ଗୁରୁବାର ବିଜେଡିର ଡୋର କ୍ୟାମ୍ପେନିଂ ଚାଲୁଥିବା ବେଳେ କର୍ମୀମାନେ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିଲେ। ନେତା ଓ କର୍ମୀମାନେ ମାସ୍କ ପିନ୍ଧି ନ ଥିବାବେଳେ ସଂଖ୍ୟାଧିକ କର୍ମୀ ଏକାଠି ହୋଇଥିବା ଅଭିଯୋଗ ହୋଇଥିଲା। ଖବରପାଇ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଢେଇଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ବିଜେଡି କର୍ମୀମାନଙ୍କୁ ଅଟକାଇ ଥିଲେ। କୋଭିଡ ଗାଇଡଲାଇନ ଉଲ୍ଲଂଘନ କରିଥିବା ନେଇ ଜଣେ ବରିଷ୍ଠ ନେତାଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ପୁନର୍ବାର ପ୍ରଚାର ସମୟରେ କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ କରିବେ ନାହିଁ ବୋଲି କର୍ମୀମାନେ କହିଥିଲେ। ବ୍ଲକ ସଭାପତି ବୈରାଗୀ ଜେନା ସମସ୍ତ କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସହିତ କୋଭିଡ୍ ଗାଇଡଲାଇନ ମାନିବା ପାଇଁ ନିବେଦନ କରିଥିଲେ।

## ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା (ମେରିଟ ଲିଷ୍ଟ) ଗୁରୁବାର ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୪୦,୬୧୧ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୧,୫୮୪ଜଣ ଛାତ୍ରୀ ଥିବାବେଳେ ୧୯,୦୨୪ଜଣ ଛାତ୍ର ଓ ୩ଜଣ କିନ୍ନର ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ରମାନେ ୨୪ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇବେ। ୨୯ତାରିଖ ମଧ୍ୟରେ କେତେ ପିଲା ନାମ ଲେଖାଇଲେ ସେ ସଂକ୍ରାନ୍ତ ତଥ୍ୟ ସାମ୍ସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।

## ମଞ୍ଚ ଓ ଚଳଚ୍ଚିତ୍ର କଳାକାର ବସନ୍ତ ସାହୁଙ୍କ ପରଲୋକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ବିଶିଷ୍ଟ ମଞ୍ଚ, ଟେଲି ସିରିଏଲ୍ ଓ ଚଳଚ୍ଚିତ୍ର କଳାକାର ବସନ୍ତ କୁମାର ସାହୁଙ୍କର ଗୁରୁବାର କରୋନାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ନହରକଣ୍ଟା ଗ୍ରାମ ବାସିନ୍ଦା ସ୍ୱର୍ଗତ ସାହୁ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ସହ ଜଡ଼ିତ ଥାଇ ନାଟ୍ୟ ନିର୍ଦ୍ଦେଶନା ଦେବା ସହିତ ଟେଲି ସିରିଏଲ୍, ଟେଲି ଫିଲ୍ମ, ଚଳଚ୍ଚିତ୍ରରେ ପାର୍ଶ୍ୱ ଚରିତ୍ର ଅଭିନେତା ଭାବେ ଅଭିନୟ କରି ନିଜ ପ୍ରତିଭା ଦେଖାଇଥିଲେ। ତାଙ୍କ ବିୟୋଗରେ ନିଜ ଗାଁ ସହ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି।

## ପରିମଳ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ବାଙ୍କୀ,୨୩।୯(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସିରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏଠାକାର ବିଭିନ୍ନ ନାଳରେ ପାଣି ଜମି ମଶାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏକଦା ରାଜ୍ୟରେ ବାଙ୍କୀ ଏନ୍‌ଏସି ସ୍ୱଚ୍ଛ ସହରର ମଡେଲ ହୋଇଥିଲା। ମାତ୍ର ଏବେ ରାସ୍ତାରେ ଅଧିକାଂଶ ସ୍ଥାନରେ କୁଢ଼ କୁଢ଼ ଅଳିଆ ଜମି ରହିଛି। ଏନ୍‌ଏସିର ବିଭିନ୍ନ ୱାର୍ଡରେ ଡ୍ରେନଗୁଡିକ ଠିକ୍ ଭାବେ ସଫା ହେଉନାହିଁ। ଫଳରେ ଡେଙ୍ଗୁ ବ୍ୟାପିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଠାରେ ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ନ ଥିବା ବେଳେ ତହସିଲଦାର ସତ୍ୟରଞ୍ଜନ ପଣ୍ଡାଙ୍କୁ ଏଥିପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚର୍ଚ୍ଚିକା ଗ୍ରାମର ୭ନଂ. ୱାର୍ଡର ଡ୍ରେନ୍‌ରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଏଠାରେ ପାଣି ଜମି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କଲେଜ ଅଞ୍ଚଳ, ସାହାଡ଼ାପଦା, ବାଙ୍କୀ ଟାଉନ ସମେତ ଅନ୍ୟାନ୍ୟ ୱାର୍ଡରେ ଡ୍ରେନଗୁଡିକ ସଫା ହେଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଙ୍କୀ ଉପଜିଲାପାଳ ଏନ୍‌ଏସିର ମୁଖ୍ୟ ପ୍ରଶାସକ ହୋଇଥିବା ବେଳେ ତହସିଲ କାର୍ଯ୍ୟନିର୍ବାହୀ ଦାୟିତ୍ୱ ବୁଝୁଛନ୍ତି। ଏହାସତ୍ତ୍ୱେ ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସୁନାହିଁ। ଏ ସମ୍ପର୍କରେ ତହସିଲଦାର ପଣ୍ଡା କହିଛନ୍ତି, ଖୁବ୍‌ଶୀଘ୍ର ଏନ୍‌ଏସିର ସମସ୍ତ ନାଳ ସଫା କରିବା ପାଇଁ ବ୍ୟବସ୍ଥା କରାଯିବ।


ବାଙ୍କୀ କଲେଜ ନିକଟ ନାଳରେ ଆବର୍ଜନା ଭରି ରହିଛି।

## ଅପହୃତା ନାବାଳିକା ଉଦ୍ଧାର, ଯୁବକ ଗିରଫ

**ପୁରୁଣା ଭୁବନେଶ୍ୱର,୨୩।୯(ଡି.ଏନ.ଏ):** ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ବିଶାଖାପାଟଣାରୁ ଉଦ୍ଧାର କରିଛି। ଏପରିକି ଅପହରଣକାରୀ ବାଲୁଗାଁ ଥାନା ଅଧୀନ ବାଲୁଗାଁ ରେଲୱେ କଲୋନୀ ଅଞ୍ଚଳର ଡି.ରାହୁଲଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ବିଚାରପତି ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୪/୨୧) ରୁଜୁ କରିଛି। ଏଥିସହ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇ ସୁଧାରଗୃହକୁ ପଠାଯାଇଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ରାହୁଲ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ବିଶାଖାପାଟଣାରେ ନାବାଳିକା ଥିବା ଜାଣି ଚଢ଼ାଉ କରି ବୁଧବାର ଉଦ୍ଧାର କରିଥିଲେ। ଏଥିସହ ରାହୁଲଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

## ପୁଅ ହତ୍ୟାକାରୀ ବାପା କୋର୍ଟଚାଲାଣ

**ବାରଙ୍ଗ,୨୩।୯(ଡି.ଏନ୍‌.ଏ.):** ଗଣେଶ ପୂଜା ଦିନ ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟୁଆ ଗ୍ରାମରେ ପୁଅକୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ବାପା ଯଦୁମଣି ମୁଣ୍ଡାଙ୍କୁ ଗୁରୁବାର ପୋଲିସ କୋର୍ଟ ଚାଲାଣ କରିଛି। ବାଇଗଣ ତୋଳା ଓ ବିକ୍ରି ଟଙ୍କାକୁ ନେଇ ପାଟିତୁଣ୍ଡ ବେଳେ ଯଦୁମଣି ପୁଅ ଶିବଶଙ୍କରଙ୍କୁ ଗୁଳିକରି ଫେରାର ହୋଇଯାଇଥିଲେ। ବୁଧବାର ତାଙ୍କୁ ପୋଲିସ ଗିରଫ କରିବାବେଳେ ଯଦୁମଣି ଥାନାକୁ ଆତ୍ମସମର୍ପଣ କରିବାକୁ ଆସୁଥିଲେ ବୋଲି ପୋଲିସ କହିଛି। ଗୁରୁବାର ବାରଙ୍ଗ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଟକ ଜୋନ ୪-ଏସିପି ଚନ୍ଦନ ଘଡ଼େଇ ସୂଚନା ଦେଇ କହିଛନ୍ତି ଯେ, ଯଦୁମଣି ଅଧିକ ମଦ୍ୟପାନ କରୁଥିବାରୁ ପୁଅ ଶିବଶଙ୍କର ବିରୋଧ କରିଆସୁଥିଲେ। ଘଟଣା ଦିନ ବାଇଗଣ ବିକ୍ରିକୁ ନେଇ ବାପପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସନ୍ଧ୍ୟାରେ ଯଦୁମଣି ପୁଣି ମଦ୍ୟପାନ କରି ପୁଅ ସହ ବଚସା ହେବାପରେ ରାଗିଯାଇ ଘରେ ରଖିଥିବା ବନ୍ଧୁକରେ ଗୁଳିକରିଥିଲେ। ସେଠାରେ ପୁଅର ମୃତ୍ୟୁ ହେବାରୁ ଯଦୁମଣି ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତ ବାପାଙ୍କୁ ଧରିବା ପାଇଁ କଟକ ଡିସିପି ପ୍ରତିକ ସିଂଙ୍କ ନିର୍ଦ୍ଦେଶରେ ୨ଟି ଟିମ୍ କରାଯାଇଥିଲା। ଗୋଟିଏ ଟିମ୍ ବେଣ୍ଟୁଆ ଗ୍ରାମ ଓ ଅନ୍ୟ ଏକ ଟିମ୍ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ନଜର ରଖିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁବ୍ରତ


@ ପ୍ରକାଶ


@ ସ୍ମିତିରଞ୍ଜନ


@ ଭାଗ୍ୟଶ୍ରୀ


@ ରଶ୍ମିତା


@ ସାଇଚରଣ

# ଲଉଡ଼ି ଉତ୍ସବ ପାଳନ ଉପରେ ଗୁରୁତ୍ୱ



ବଲାଙ୍ଗୀର ଜିଲା ଟିଟିଲାଗଡ଼ର କଳାକାରମାନେ ଢାପ୍ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆମ ରାଜ୍ୟର ପ୍ରଲୁପ୍ତ ଲୋକକଳାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ମାସରେ ଗୋଟିଏ ଦିନ ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଆଦିପୁରର ରାଧାକୃଷ୍ଣ ଲଉଡ଼ି ଦଳ ପକ୍ଷରୁ ପାରମ୍ପରିକ ଭାବେ ଗୋପାଳ ସମ୍ପ୍ରଦାୟ ଦ୍ୱାରା ପରିବେଷଣ ହେଉଥିବା ଲଉଡ଼ି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ବଲାଙ୍ଗୀର ଜିଲା ଟିଟିଲାଗଡ଼ର କଳାକାରଙ୍କ ଦ୍ୱାରା ଢାପ୍ ନୃତ୍ୟ ପରିବେଷଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ସଚିବ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୋକକଳାକୁ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଓ ପ୍ରଚେଷ୍ଟାର ଫଳ ସ୍ୱରୂପ ରାଜ୍ୟରେ ୨୦୧୧ରୁ କଳାକାର ସଂଘ ପ୍ରତିଷ୍ଠା ହୋଇପାରିଛି। ଯାହାଦ୍ୱାରା ରାଜ୍ୟରେ ଲୋକକଳାର ଅଧିକରୁ ଅଧିକ ପ୍ରଚାର ପ୍ରସାର ହେବା

### ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ

ସହ ଲୋକ କଳାକାରଙ୍କୁ ସମ୍ମାନ ଓ ମର୍ଯ୍ୟାଦା ମିଳି ପାରିଛି। ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଓଡ଼ିଶାର ବିଭବ ଆମ ଲୋକକଳାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମଗ୍ର ଭାରତରେ ଅନନ୍ୟ ଓ ଆଦର୍ଶ। ଦାଣ୍ଡିଆ ଡ୍ୟାନ୍ସ ଭଳି ଆଗାମୀ ଦିନରେ ଲଉଡ଼ି ଉତ୍ସବ ପାଳନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଓ ରାଜ୍ୟ କଳାକାର ମହାସଂଘ ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦେଇଥିଲେ। କରୋନା କଟକଣା ଅନୁପାଳନ ପୂର୍ବକ ସ୍ୱଳ୍ପ ଦର୍ଶକଙ୍କୁ ନେଇ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଘରେ ବସି ଅନେକ ଦର୍ଶକ ବିଭାଗର ଅଫିସିଆଲ ଫେସବୁକ ପେଜ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଦେଖିଥିଲେ। ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଲୋକକଳା ପ୍ରଚାରପ୍ରସାର ଓ ଆଦର ଆମ ଗୌରବବୃଦ୍ଧି ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରି ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ୯୦ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ



ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ତରଫରୁ ମଧୁବାବୁ ପେନସନ ଯୋଜନାରେ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଏବଂ ବିଧବାଙ୍କ ପାଇଁ ମାସିକ ଭତ୍ତା ବ୍ୟବସ୍ଥା କରାଯାଇଛି। ତଦନୁସାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଗୁରୁବାର ବିଏମ୍‌ସିର ୱାର୍ଡ ନଂ ୧, ୨, ୬, ୭, ୮ ଓ ୧୪ରେ ମୋଟ ୯୦ ଜଣ ହିତାଧିକାରୀଙ୍କୁ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ସ୍ୱର୍ଣ୍ଣଲତା ରାୟ, ହରିଶ ମୁର୍ମୁ, ଦେବୀ ପ୍ରସାଦ ମଲ୍ଲିକ, ଯୁବନେତା ମିହିର କୁମାର ରାଉତ, ମନୋଜ କୁମାର ସାହୁ, କାଳୀ ଚରଣ ସିଂ, ମନୋରଞ୍ଜନ ଦାସ, ମାନସ କୁମାର ଦାସ, ଧନେଶ୍ୱର ବାରିକ, ଅନୁକୂଳ ଚନ୍ଦ୍ର ସାହୁ, ରାଜେଶ ବିଶୋଇ, ନରେଶ ରାଓ, କାମେଶ ରାଓ ଉପସ୍ଥିତ ଥିଲେ। ବିଏମ୍‌ସିର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ରାଉତ, ମନସ୍ୱିନୀ ମଧୁସ୍ମିତା, ଦେବସ୍ମିତା ପଟ୍ଟନାୟକ ଏବଂ ସମସ୍ତ ୱାର୍ଡ ଅଫିସର ପ୍ରମୁଖ ଯୋଗଦେଇଥିଲେ।

**ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ**

**କଟକ ଅଫିସ:** କଟକସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ବାର୍ଷିକ ଉତ୍ସବ ଗୁରୁବାର କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ଡ. ଅରୁନ୍ଧତୀ ଦେବୀ, ଶିକ୍ଷାଶ୍ରମର ଡ. ବନଲତା ଦେବୀ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଗୀତାଞ୍ଜଳି ସ୍ୱାଇଁ, ଉର୍ମିଳା ବେହେରା, କାଦମ୍ବିନୀ ପାତ୍ର, ମଧୁସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଯୋଗାସନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଷ୍ଟାର୍ଟଅପ୍ ପାଇଁ ୨.୦ ଓପନ ଚ୍ୟାଲେଞ୍ଜ ଆରମ୍ଭ

ଭୁବନେଶ୍ୱର,୨୩।୯: ଉଦ୍ୟୋଗ ପାର୍କ ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟ ଅପ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜକୁ ଆରମ୍ଭ କରାଯାଇଛି। ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଓମ୍‌କାର ରାୟ ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ଉଦ୍ୟୋଗୀମାନଙ୍କ ଦରଖାସ୍ତକୁ ସିଧାସଳଖ ଅନ୍‌ଲାଇନରେ ଆମନ୍ତ୍ରଣ କରାଯାଇ ନୂତନ ଷ୍ଟାର୍ଟ ଅପ୍, ନବସୃଜନ ଓ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରାଯିବ। ମନୋନୀତ ଷ୍ଟାର୍ଟଅପ୍‌ଗୁଡ଼ିକୁ ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ତାଲିମ, ମୂଳଧନ ଯୋଗାଇବା, ଉତ୍ପାଦ ପେମେଣ୍ଟ କରାଇବା ଏବଂ ବଜାର ସୃଷ୍ଟି କରିବା ଇତ୍ୟାଦି କାମରେ ସହଯୋଗ ପ୍ରଦାନ କରାଯିବ। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍ୟୋଗ ପାର୍କ ନକ୍ସା ପାଠାଗାର ଏବଂ ସମ୍ବଳ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଏଠାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ଉତ୍ପାଦ ନମୁନା ପ୍ରସ୍ତୁତି, ସେନ୍‌ସର, ନିୟନ୍ତ୍ରଣ ବୋର୍ଡ ଭଳି ସୁବିଧା ଉପଲବ୍ଧ ହେବ। କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର, ସାଇବର ମିଡିଆ ପରିଚାଳନା ନିର୍ଦ୍ଦେଶକ ପି.ଗୁପ୍ତା, ଏସ୍‌ଟିପିଆଇ ଭୁବନେଶ୍ୱର ନିର୍ଦ୍ଦେଶକ ମାନସ ପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ପୂର୍ବତନ ସିଆଇଏସ୍‌ଏଫ୍ ଡିଜିଙ୍କ ବିୟୋଗରେ ଆଇପିଏସ୍ ସଂଘର ଶୋକସଭା

କଟକ ଅଫିସ,୨୩।୯: ପୂର୍ବତନ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସ୍‌ଏଫ) ମହାନିର୍ଦ୍ଦେଶକ(ଡିଜି)ବାଉରୀବନ୍ଧୁ ନନ୍ଦଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘ ପକ୍ଷରୁ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଭର୍ଚୁଆଲ୍‌ରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡିଜିପି ଅଭୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଗ୍ନିଶମ ଓ ହୋମଗାର୍ଡ ଡିଜି ଏମ୍. ଅକ୍ଷୟ, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ, ଏଡିଜିପି(ଆଇନଶୃଙ୍ଖଳା) ଆର୍.କେ ଶର୍ମା, ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀ, ଆଇଜି(ଅପରେଶନ) ଅମିତାଭ ଠାକୁର, ଆଇଜି (ହେଡକ୍ୱାର୍ଟର) ଏସ୍. ଦେବଦତ୍ତ ସିଂ, ଆଇଜିପି(ପ୍ରୋଭିଜନିଂ)ଯତୀନ୍ଦ୍ର କୋଏଲ, ଆଇଜି(ପର୍ସୋନେଲ) ଏସ୍.ପ୍ରବୀଣ କୁମାରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇ ନନ୍ଦଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଏଥିସହ ସଂଘ ପକ୍ଷରୁ ସ୍ୱର୍ଗତ ନନ୍ଦଙ୍କ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସଭା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, କଟକ ଜିଲା ବାଙ୍କୀ ଅଞ୍ଚଳର ମୂଳ ବାସିନ୍ଦା ସ୍ୱର୍ଗତ ନନ୍ଦ ରାଜ୍ୟ ପୋଲିସର ବିଭିନ୍ନ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଭାରତ ବନ୍ଦକୁ ସଫଳ ପାଇଁ ଆହ୍ୱାନ

#### ୩ କୃଷି ଆଇନ ବାତିଲ ଦାବି

କଟକ ଅଫିସ, ୨୩।୯- ୩ କୃଷି ଆଇନ ବାତିଲ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ଉଦ୍ଦେଶ୍ୟରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେସନ(ଏଆଇଡିଏସ୍‌ଓ) ପକ୍ଷରୁ କଟକ ଗାନ୍ଧୀଭବନଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଡିଏସ୍‌ଓ କଟକ ଜିଲା ସଭାପତି ଭାଗ୍ୟରବି ଦାସ ଯୋଗଦେଇ କହିଥିଲେ, ଚୁକ୍ତିଚାଷ, ଘରୋଇ ମଣ୍ଡି ଓ ୧୯୫୫ ମସିହା ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ତିନୋଟି କୃଷି ଆଇନ ପୁଞ୍ଜିପତିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। ଉକ୍ତ କୃଷି ଆଇନ ଲାଗୁ ହେଲେ ସାର, ବିହନ, କୀଟନାଶକ ଔଷଧ, ଜଳ ଓ ବିଦ୍ୟୁତ୍ ଇତ୍ୟାଦି କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କ ପ୍ରବେଶ ଘଟିବ। ଅନ୍ୟପକ୍ଷରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆକାଶଛୁଆଁ ବୃଦ୍ଧି ଘଟିବ। ଫଳରେ ଚାଷୀ ଓ ଜନସାଧାରଣଙ୍କ ଉପରେ ଏହାର ବିଶେଷ ପ୍ରଭାବ ପଡିବ। ଏଣୁ ଭାରତ ବନ୍ଦରେ ସାମିଲ ହେବାକୁ ଜିଲାର ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ଦାସ ଆହ୍ୱାନ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଙ୍ଗଠନର କଟକ ଜିଲା ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଇଶା ଧର, ସଙ୍ଗଠକ ଜ୍ୟୋତ୍ସ୍ନାରାଣୀ ଦାସ ଓ ସରୋଜ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନଜୀବୀ, ୱେବ୍‌ପୋର୍ଟାଲ ପ୍ରତିନିଧିଙ୍କ ବୟାନ ରେକର୍ଡ

**ଦୁଷ୍ମନ୍ତ ଦାସ ମୃତ୍ୟୁ ଘଟଣା**

କଟକ ଅଫିସ,୨୩।୯

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ମୃତ୍ୟୁ ଘଟଣାରେ ଗୁରୁବାର ଆଇନଜୀବୀ ପଦ୍ମାଳୟା ମହାପାତ୍ର ଓ ୱେବପୋର୍ଟାଲ ପ୍ରତିନିଧି ଅରବିନ୍ଦ ମହାପାତ୍ରଙ୍କ ବୟାନ ରେକର୍ଡ କରିଛି ମଙ୍ଗଳାବାଗ ପୋଲିସ। ମୃତ୍ୟୁ ପୂର୍ବଦିନ ପଦ୍ମାଳୟାଙ୍କୁ ଦୁଷ୍ମନ୍ତ ଫୋନ କରିଥିଲେ। ସେହିପରି ଅରବିନ୍ଦଙ୍କ ସହ ମଧ୍ୟ ସେ କଥା ହୋଇଥିଲେ। ଏହି ଘଟଣାରେ ଶୁକ୍ରବାର ପୁଣି ଥରେ ଉଭୟଙ୍କୁ ଥାନାରେ ଜେରା କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି।

ଦୁଷ୍ମନ୍ତ ଦୁଇବର୍ଷ ତଳେ ଦୁର୍ଘଟଣାର ଶିକାର ହେବାରୁ ଗୋଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସା ଲାଗି ଜିଲା ପ୍ରଶାସନ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମାତ୍ର ଭୁଲ୍ ଅସ୍ତ୍ରୋପଚାର ଯୋଗୁ ସେ ସୁସ୍ଥ ହୋଇ ନ ପାରିବା ଅଭିଯୋଗ କରି ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ୮ ତାରିଖରେ ସେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୁଷ୍ମନ୍ତ ଚାଲିବାକୁ ସକ୍ଷମ ହେଉ ନ ଥିବାବେଳେ ଭୁବନେଶ୍ୱର ଯିବା ପଛରେ ଅଜଣା ଯୁବକଙ୍କ ଭୂମିକା ରହିଛି। ଏହି ଯୁବକମାନେ ଦୁଷ୍ମନ୍ତଙ୍କ ହାତ କାଟି ବିଷ ପିଆଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରେ ଏହି ମାମଲା ମଙ୍ଗଳାବାଗ ଥାନାକୁ ହସ୍ତାନ୍ତର ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ. ୨୨୧/୨୧) ରୁଜୁ କରିବା ସହ ଦୁଷ୍ମନ୍ତଙ୍କ ଫୋନକଲ ଡିଟେଲ୍ସ (ସିଡିଆର) ଯାଞ୍ଚ କରିଥିଲା। ପରେ ଭୁବନେଶ୍ୱରର ୱେବ୍ ପୋର୍ଟାଲ ପ୍ରତିନିଧି ସହିତ ଅନ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ଥାନାକୁ ଡକାଇ ଜେରା କରିଥିଲା।



ଆସୁଛି ପାର୍ବଣ ଋତୁ: କଟକ ଫିରଙ୍ଗି ବଜାର ଅଞ୍ଚଳରେ ଜଣେ କାରିଗର ଜରି ମେଢ଼ ପ୍ରସ୍ତୁତ କରୁଛନ୍ତି।

## ଜେଲରେ ଯୁବତୀଙ୍କୁ ବିବାହ କଲେ କଏଦୀ



ଟାଙ୍ଗୀ(କଟକ)୨୩।୯(ଡି.ଏନ୍.ଏ.)

ଚୌଦ୍ୱାରସ୍ଥିତ କଟକ ମଣ୍ଡଳ କାରାଗାର ସଭା ଗୃହରେ ଗୁରୁବାର ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଚାରାଧୀନ କଏଦୀ କଟକ ଜିଲା ନିଆଳି ଥାନା ଅଞ୍ଚଳର ଅର୍ଜୁନ ମଲ୍ଲିକ ସ୍ଥାନୀୟ ଅଞ୍ଚଳର ଦିବ୍ୟାଙ୍ଗ ଯୁବତୀ ରାନୁ ମଲ୍ଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଏହି ସ୍ମୃତିକୁ ମନେରଖିବା ପାଇଁ ସେମାନେ ଜେଲ ପରିସରରେ ଚାରାରୋପଣ କରିଥିଲେ। ବିବାହ ପରେ କନ୍ୟା ଶାଶୁଘରକୁ ଯାଇଥିବାବେଳେ ବର ଜେଲରେ ରହିଛନ୍ତି। ଏହି ବିବାହ କାର୍ଯ୍ୟକ୍ରମରେ ବରିଷ୍ଠ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ, ଜେଲର ବିଭେନ୍ଦୁ ଭୂୟାଁ, ୱେଲଫେୟାର ଅଫିସର ରାମକୃଷ୍ଣ ଦାସ, ଉଦ୍ଧାର ଫାଉଣ୍ଡେଶନ ସଙ୍ଗଠନର ସଭାପତି ନରୋତ୍ତମ ଦାସ, ଉପଦେଷ୍ଟା କିରଣବାଳା ନାୟକଙ୍କ ସହିତ ଶତାଧିକ ଅତିଥି ଉପସ୍ଥିତ ଥିଲେ।

## ମା, ଭଉଣୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଘଟଣା : ଅଭିଯୁକ୍ତ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୨୩।୯(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଓରତି ଗ୍ରାମରେ ମା’ ଓ ଭଉଣୀଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଞ୍ଜୟ ଖୁଣ୍ଟିଆ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଓରତି ଗ୍ରାମର ସନାତନ ଖୁଣ୍ଟିଆ ଓ ସ୍ତ୍ରୀ ମିନତିଙ୍କୁ ପୁଅ ସଞ୍ଜୟ ଓ ବୋହୂ ଖାଇବାକୁ ନ ଦେଇ ନିର୍ଯାତନା ଦେଉଥିଲେ। ଏନେଇ ପୁଅ ଓ ବୋହୂ ବିରୋଧରେ ମିନତି ନରେନ୍ଦ୍ରପୁର ଫାଣ୍ଡିରେ ୮ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଆପୋସ ବୁଝାମଣା ହୋଇଥିଲା। ପରେ ସଞ୍ଜୟ ପ୍ରତିହିଂସା ପରାୟଣ ହୋଇ ଉକ୍ତ ଦିନ ଭଉଣୀ ଉର୍ମିଳାଙ୍କୁ ଘର ବାହାରକୁ ଟାଣିଆଣି ମାଡ଼ ମାରିଥିଲେ। ସେହି ସମୟରେ ମିନତି ପ୍ରତିବାଦ କରିବାରୁ ସଞ୍ଜୟ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏପରି କି ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଯାତନା ଦେଇଥିଲେ। ସନାତନ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। କୌଣସିମତେ ମା’ ଓ ଝିଅ ସେଠାରୁ ଖସି ଯାଇଥିଲେ। ଏ ସମ୍ପର୍କରେ ମିନତି ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ୧୧ ଜଣଙ୍କ ବିରୋଧରେ ଏକ ମାମଲା (ନଂ.୧୨୪/୨୧) ରୁଜୁ କରି ତଦନ୍ତ ଚଳାଇଛି।

## କୋଣାର୍କ, ପ୍ରଶାନ୍ତି ଏକ୍ସପ୍ରେସ୍ କଟକ ଦେଇ ଚଳାଚଳ କରୁ

**ରେଳମନ୍ତ୍ରୀଙ୍କୁ ଦାବିପତ୍ର**

କଟକ ଅଫିସ, ୨୩।୯

କୋଣାର୍କ ଓ ପ୍ରଶାନ୍ତି ଏକ୍ସପ୍ରେସ୍ ଟ୍ରେନ କଟକ ଦେଇ ଚଳାଚଳ କରିବା ଦାବି ନେଇ ଆଇନଜୀବୀ ପ୍ରଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ନୂଆଦିଲ୍ଲୀସ୍ଥିତ ସଞ୍ଚର ଭବନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଥିଲେ। ଏଥିସହ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କଟକ ରାଜ୍ୟର ପୂର୍ବତନ ରାଜଧାନୀ ଓ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା ଆଦିର ଏକ କେନ୍ଦ୍ରସ୍ଥଳ। ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରର ଲୋକମାନେ ଯାତାୟାତ କରିଥାନ୍ତି। ସେମାନଙ୍କ ମଧ୍ୟରୁ ବହୁ ଯାତ୍ରୀ ଏହି ଟ୍ରେନ୍‌ରେ ଯାତାୟାତ କରିଥାନ୍ତି। ଏଥିପାଇଁ ସେମାନଙ୍କୁ ଭୁବନେଶ୍ୱର ଯିବାକୁ ପଡିଥାଏ। ଯଦି ଏହି ଟ୍ରେନ୍ ଦୁଇଟି କଟକ ଷ୍ଟେଶନ ଦେଇ ଯିବା ପାଇଁ ବ୍ୟବସ୍ଥା କରାଯାଏ ତା’ହେଲେ ବହୁ ଯାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ।

# ୩ ମହିଳା କୋର୍ଟଚାଲାଣ

**ଗଣ୍ଡଗୋଳ ସମାଧାନ ନ କରି ନିର୍ଯାତନା ଦେବା ଘଟଣା**

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ପିଲାଙ୍କ ଗଣ୍ଡଗୋଳକୁ ସମାଧାନ କରିବା ପରିବର୍ତ୍ତେ ବୈଠକ ବସାଇ ଜଣେ ନାବାଳକ ଏବଂ ତାଙ୍କ ମା’ଙ୍କୁ ନିର୍ଯାତନା ଦେବା ଅଭିଯୋଗରେ କମିଶନରେଟ ପୋଲିସ ୩ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ସ୍ଥାନୀୟ ସାଲିଆ ସାହିରେ ରହୁଥିବା ଜଗତ୍‌ସିଂହପୁର ଜିଲା ସଦର ଥାନା ଅଞ୍ଚଳର ସରୋଜିନୀ ସାହୁ(୩୫), ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ଅନିତା ନାୟକ(୨୮) ଏବଂ ପୋଲସରା ଥାନା ଅଞ୍ଚଳର କବିତା ଭୂୟାଁ(୩୮)। ସମସ୍ତ ୩ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ କୋର୍ଟଚାଲାଣ କରିବାବେଳେ ସେମାନଙ୍କ କିଛି ସମର୍ଥକ ଥାନା ଆଗରେ ପ୍ରତିବାଦ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏପରି କି ସେମାନେ ପିସିଆର ଭ୍ୟାନ୍‌କୁ ମଧ୍ୟ ଅଟକାଇଥିଲେ। ଥାନା ଅଧିକାରୀ ଶରତ କୁମାର ସାହୁ ଉକ୍ତ ମହିଳାଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

**ପୋଲିସ ଭ୍ୟାନ୍ ଅଟକାଇଲେ ସମର୍ଥକ**

ପୋଲିସ ସୂଚନା ଅନୁଯାୟୀ, ସାଲିଆସାହି ମାରୁତି ବିହାର ବସ୍ତିର ବୈଜୟନ୍ତୀମାଳା ସେଠୀଙ୍କ ୧୪ ବର୍ଷୀୟ ନାବାଳକ ପୁଅ ଓ ରଞ୍ଜନ ରାଣା ନାମକ ଯୁବକଙ୍କ ମଧ୍ୟରେ ଗତ ରବିବାର ସନ୍ଧ୍ୟାରେ ଝଗଡ଼ା ହୋଇଥିଲା। ଝଗଡ଼ାକୁ ନେଇ ବୁଧବାର ରାତି ପ୍ରାୟ ୯ଟାରେ ମାରୁତୀ ବିହାର ମହିଳା ସଂଘର କର୍ମକର୍ତ୍ତା ଥିବା ଅଭିଯୁକ୍ତମାନେ ଓ ଅନ୍ୟ ସଦସ୍ୟମାନେ ବସ୍ତିର ହନୁମାନ ମନ୍ଦିର ପିଣ୍ଡି ନିକଟରେ ଏକ ବୈଠକ ଡାକିଥିଲେ। ସେଠାରେ ବସ୍ତିର ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ସେଠାକୁ ବୈଜୟନ୍ତୀମାଳା ଓ ତାଙ୍କ ନାବାଳକ ପୁଅକୁ ଡକାଇ ସେମାନଙ୍କ ଉପରେ ଦୋଷ ଲଦିଥିଲେ। ଏପରି କି ନାବାଳକଙ୍କୁ ଗାଳି କରିବା ସହ କାନ ଧରି ଆଣ୍ଠେଇବାକୁ କହିଥିଲେ। ଏଥିସହ ତାଙ୍କ ପିରବାରକୁ ୫ ହଜାର ୫୫୧ ଟଙ୍କା ଜରିମାନା ଦେବା ପାଇଁ କହିଥିଲେ। ଜରିମାନା ନ ଦେଲେ ବିଦ୍ୟୁତ୍ ଓ ପାଣି ବନ୍ଦ କରିଦେବା ପାଇଁ ଧମକ୍ ଦେଇଥିଲେ। ଏହାକୁ ନେଇ ବୈଜୟନ୍ତୀମାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ-୪୫୦/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଉଦ୍‌ଯାପିତ

ଟାଙ୍ଗୀ(କଟକ), ୨୩।୯(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ଗୋଡିପାଟଣା ଗ୍ରାମରେ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। ଏହି ମହୋତ୍ସବରେ ୧୮ଟି ମେଢ ସାମିଲ ହୋଇଥିଲା। ଗଣେଶ, ଶିବପାର୍ବତୀ ଓ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ମଣ୍ଡପରେ ପୂଜା ପାଇଥିଲା। ଶାନ୍ତି କମିଟି ପକ୍ଷରୁ ଠାକୁରଙ୍କ ପାଖରେ ଛନ୍ଦା ଭୋଗ ଅର୍ପଣ କରାଯାଇଥିଲା। ପରେ ଚଷାପଡାରେ ଥିବା ଅସ୍ଥାୟୀ ଜଳାଶୟରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

## ଟିପିସିଓଡିଏଲ୍‌ର ଗ୍ରାହକ ସେବା କେନ୍ଦ୍ର



ଗ୍ରାହକ ସେବା କେନ୍ଦ୍ରକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

କଟକ ଅଫିସ,୨୩।୯

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କଟକ ରାଣୀହାଟ ସ୍ଥିତ ସିଡିଡି ୧ ଇଲେକ୍ଟ୍ରିକାଲ ଡିଭିଜନ ଅଫିସରେ ନୂଆ ଗ୍ରାହକ ସେବା କେନ୍ଦ୍ର (ସିସିସି) ଶୁଭାରମ୍ଭ ହୋଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାର ଉଦ୍‌ଘାଟନ କରିଛନ୍ତି। ଏହା ସାମିଲ ହେବା ପରେ ଓଡ଼ିଶାରେ ମୋଟ ଗ୍ରାହକ ସେବା କେନ୍ଦ୍ର ସଂଖ୍ୟା ୯ରେ ପହଞ୍ଚିଛି। ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହା ସ୍ଥାପନ କରାଯାଇଛି। ଅନ୍ୟ ସିସିସିଗୁଡ଼ିକ ଭଳି ଏହି ଗ୍ରାହକ ସେବା କେନ୍ଦ୍ର ଉଚ୍ଚ ପ୍ରଶିକ୍ଷିତ ଅଧିକାରୀଙ୍କ ଟିମ୍ ଦ୍ୱାରା ପରିଚାଳିତ ହେବ। ଏଠାରେ ଗ୍ରାହକମାନଙ୍କୁ ବିଲିଂଠାରୁ ପେମେଣ୍ଟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପ୍ରଶ୍ନ, ଅଭିଯୋଗ ଆଦିର ଦ୍ରୁତ ପ୍ରତିକ୍ରିୟା ଭଳି ଗ୍ରାହକ ସେବା ପ୍ରଦାନ କରାଯିବ। ଗ୍ରାହକମାନେ ନୂଆ ବିଦ୍ୟୁତ୍ ସଂଯୋଗ ନେବା ଲାଗି ଆବେଦନ, ମାସିକ ବିଲ୍ ପେମେଣ୍ଟ, ନାମ ଓ ଠିକଣା ପରିବର୍ତ୍ତନ ଭଳି ଗ୍ରାହକ ସମ୍ପର୍କିତ ସେବା ପାଇଁ ଅନୁରୋଧ ପଞ୍ଜୀକରଣ ମଧ୍ୟ କରିପାରିବେ। ଟିପିସିଓଡିଏଲ୍‌ର ବରିଷ୍ଠ ପରିଚାଳନା ଅଧିକାରୀ ଏବଂ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

# ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଭାଜପା

**ଜମା ଅର୍ଥ ତୋସରପାତ ଘଟଣା**

କଟକ ସଦର, ୨୩।୯(ଡି.ଏନ.ଏ.)

କଟକ ସଦର ବ୍ଲକ ଅଧୀନ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ସମବାୟ ମିନିବ୍ୟାଙ୍କରେ ଜମା ଅର୍ଥ ତୋସରପାତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଗୁରୁବାର ଭାଜପା ନେତା ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ସମବାୟ ନିବନ୍ଧକ ସୁଶାନ୍ତ କୁମାର ବାରିକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ତୋସରପାତ ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ଦଳରେ ହୃଷୀକେଶ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ ଓ ଅଭୟ ସ୍ୱାଇଁ ରହିଥିଲେ। ସୂଚନାଯୋଗ୍ୟ, ଉକ୍ତ ବ୍ୟାଙ୍କରେ ଏପର୍ଯ୍ୟନ୍ତ ୨୫ ଲକ୍ଷ ଟଙ୍କା ତୋସରପାତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ବ୍ୟାଙ୍କ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

## ସିଏମ୍‌ସିର ଚଢ଼ାଉ, ୩ କାରଖାନା ସିଲ୍

କଟକ ଅଫିସ,୨୩।୯

ବିନା ଲାଇସେନ୍ସରେ ସହରର ଅଧିକାଂଶ ଦୋକାନରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଏହା ଉପରେ ରୋକ ଲଗାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଢାଉ କରାଯାଉଛି। ଏହି କ୍ରମରେ ଗୁରୁବାର କଟକ ଶିଖରପୁର ଉପର ସାହିରେ ଥିବା ୩ଟି ବେକରି କାରଖାନା ଉପରେ ଚଢଉ କରାଯାଇଛି। ସେଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍କୁଟ୍, ପାଉଁରୁଟି ଓ କେକ୍ ଜବତ କରାଯିବା ପରେ କାରଖାନା ସିଲ୍ କରାଯାଇଛି। ଏ ସମ୍ପର୍କରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଉକ୍ତ କାରଖାନାଗୁଡିକର ବ୍ରାଣ୍ଡ ନାମ ନ ଥିବାବେଳେ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲୁଥିଲା। ଚଢାଉ ପରେ ଉକ୍ତ କାରଖାନାରୁ ଜବତ ହୋଇଥିବା ଖାଦ୍ୟ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଯାଇଛି।



## ଜଳବନ୍ଦୀ ଲୋକଙ୍କୁ ସହାୟତା ଦିଆଯାଉ

ସାଲେପୁର,୨୩।୯(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଥିଲା। ଇତିମଧ୍ୟରେ ବର୍ଷା ଛାଡି ଯାଇଥିଲେ ମଧ୍ୟ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବିଭିନ୍ନ ଗ୍ରାମରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା, କାଜି ବଜାର ନିକଟ ଦଳିତ ସାହିରେ ଜଳବନ୍ଦୀ ପରିବାରକୁ ସହାୟତା ପ୍ରଦାନ, ଆଠମଣିଆ ଗ୍ରାମ ରାସ୍ତା ଓ ପୋଲ ନିର୍ମାଣ ଦାବି ନେଇ ଗୁରୁବାର ସିପିଆଇ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମୁତାରିଫା ପଞ୍ଚାୟତ ସମିତି ସଭ୍ୟ ତଥା ସିପିଆଇ ନେତା ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ହାଇକୋର୍ଟରେ ଡିସିପିଙ୍କ ସତ୍ୟପାଠ ଦାଖଲ

**ଖ୍ରୀଷ୍ଟ କଲେଜ ଛାତ୍ର ମୃତ୍ୟୁ ଘଟଣା**



କଟକ ଅଫିସ,୨୩।୯

ଖ୍ରୀଷ୍ଟ କଲେଜ ଛାତ୍ର ତୁଷାରକାନ୍ତ ସାହୁ ମୃତ୍ୟୁ ଘଟଣାରେ ଗୁରୁବାର ହାଇକୋର୍ଟରେ କଟକ ଡିସିପି ପ୍ରତୀକ୍ ସିଂ ସତ୍ୟପାଠ ଦାଖଲ କରିଛନ୍ତି। ତୁଷାରଙ୍କ ବାନ୍ଧବୀଙ୍କ ସମେତ ୩ ଜଣଙ୍କ ନାଁରେ ଜଗତ୍‌ପୁର ଥାନାରେ ଏକ ମାମଲା(ନଂ. ୩୮୨/୨୧) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିବାବେଳେ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ତୁଷାର ଗତ ଅଗଷ୍ଟ ୩ ତାରିଖ ରାତି ୮ଟାରେ ଏକ ସ୍କୁଟିରେ କଟକ ଚଣ୍ଡୀଛକସ୍ଥିତ ଘରୁ କେଉଁଆଡେ ଚାଲିଯାଇଥିଲେ। ଏନେଇ ତାଙ୍କ ବାପା ହୃଷୀକେଶ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଅଗଷ୍ଟ ୫ ତାରିଖରେ ଜଗତ୍‌ପୁର ଥାନା ଅଧୀନ ଜୋବ୍ରା ଆନିକଟ ନିକଟରୁ ତୁଷାରଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରେ ତୁଷାରଙ୍କର ବାନ୍ଧବୀଙ୍କ ସମେତ ୫ଜଣ ସାଙ୍ଗଙ୍କ ବିରୋଧରେ ହୃଷୀକେଶ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ସେମାନଙ୍କୁ ଡାକି ପଚରାଉଚୁରା କରି ଛାଡି ଦେଇଥିଲା। ଏହାପରେ ହୃଷୀକେଶ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରି ୧୮ ତାରିଖରେ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ଅଗଷ୍ଟ ୨୩ ତାରିଖରେ ସେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧିକରି ସତ୍ୟପାଠ ଆକାରରେ ଘଟଣା ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ୨୬ ତାରିଖରେ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ମୋ ସ୍କୁଲ କମିଟି ସଭାପତିଙ୍କୁ ଦୁର୍ବ୍ୟବହାର

**ବୋଲଗଡ,୨୩।୯(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ସଭାପତିଙ୍କୁ ଦୁର୍ବ୍ୟବହାର ହୋଇଥିବା ନେଇ ବ୍ଲକ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଗୁରୁବାର ବ୍ଲକ ଶିକ୍ଷାଧିକାରୀ ମହାନ୍ତି ଉକ୍ତ ବିଦ୍ୟାଳୟ ଯାଇ ଅଭିଯୋଗର ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ କହିଛନ୍ତି, ବିଦ୍ୟାଳୟରେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସୁପାରିସ କରିବେ। ଅଭିଯୋଗ ଅନୁଯାୟୀ, ଚତୁର୍ଭୁଜ ସରକାରୀ ବିଦ୍ୟାଳୟ ମୋ ସ୍କୁଲ କମିଟି ସଭାପତି ସମ୍ବିତ ଭୂଷଣ ରାଉତରାୟଙ୍କୁ ଛାତ୍ରୀଛାତ୍ରମାନଙ୍କ ପୋଷାକ ବଣ୍ଟନ ନିମନ୍ତେ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ବୁଧବାର ଡାକିଥିଲେ। ତେବେ ସେଠାରେ ସଭାପତି ରାଉତରାୟ ପହଞ୍ଚିବା ପରେ ଉପସ୍ଥିତ କେତେଜଣ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ବିରୋଧ କରିବା ସହ ଅପମାନସୂଚକ କଥା କହିଥିଲେ। ଏପରିକି ସେ ଏଠାରେ ରହିଲେ ପୋଷାକ ବଣ୍ଟନ କରାଇ ଦେବେ ନାହିଁ ବୋଲି ଅଡି ବସିଥିଲେ। ଏପରି ଭାବେ ଅପମାନିତ ହେବା ପରେ ସଭାପତି ରାଉତରାୟ ବ୍ଲକ ଶିକ୍ଷାଧିକାରୀ ମହାନ୍ତିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦ୍ମଚରଣ ବେହେରା ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କୁ ମିଳିନି ସ୍କୁଲ ପୋଷାକ

**ଯାଁଳା,୨୩।୯(ଡି.ଏନ୍.ଏ.):** ସରକାର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ପାଠପଢା ଶେଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାର ସହଯୋଗ କରୁଛନ୍ତି। ଏପରିକି ମାଗଣାରେ ଖାଇବାଠାରୁ ପିନ୍ଧିବା ପର୍ଯ୍ୟନ୍ତ ସବୁ ସୁବିଧା କରି କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ତଳିଆ କର୍ମଚାରୀମାନଙ୍କ ଅପାରଗତା ଯୋଗୁ ଏହି କାର୍ଯ୍ୟରେ ସମସ୍ୟା ଦେଖାଯାଉଛି। ଏହା ଦେଖିବାକୁ ମିଳିଛି ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣସ୍ଥିତ ସରକାରୀ କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ। ଏହି ସ୍କୁଲର ଛାତ୍ରୀଛାତ୍ରଙ୍କୁ ଏପର୍ଯ୍ୟନ୍ତ ସ୍କୁଲ ପୋଷାକ ମିଳି ନ ଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କୁ ଅଗଷ୍ଟ ୧୫ ସୁଦ୍ଧା ଜୋତାଠାରୁ ସ୍କୁଲ ପୋଷାକ ପର୍ଯ୍ୟନ୍ତ ସବୁ ମିଳିବା କଥା। ଯେହେତୁ କରୋନା ପାଇଁ ବିଦ୍ୟାଳୟ ବନ୍ଦ ରହିଛି, ସେଥିପାଇଁ ଅଭିଭାବକ କିମ୍ବା ଛାତ୍ରୀଛାତ୍ରମାନଙ୍କୁ କୋଭିଡ୍ ନିୟମ ଅନୁସାରେ ଡାକି ଦେବା କଥା। କିନ୍ତୁ ଏହି ବିଦ୍ୟାଳୟରେ ସେପ୍ଟେମ୍ବର ଶେଷ ହେବାକୁ ବସିଲାଣି ପୋଷାକ ବଣ୍ଟନ କରାଯାଉ ନାହିଁ। ଏପରିକି ଏହି ବିଦ୍ୟାଳୟରେ ଗତବର୍ଷର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପୋଷାକ ମିଳି ନ ଥିବା କହିଛନ୍ତି। ଏହି ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଥାଇ ମଧ ଏଭଳି କାହିଁକି ବିଳମ୍ବ ହେଉଛି ବୋଲି ଅଭିଭାବକ ଓ ଗ୍ରାମବାସୀ ପ୍ରଶ୍ନବାଚୀ କରିଛନ୍ତି। ଏ ନେଇ ବିଇଓ ରଶ୍ମିବାଳା ପରିଡା କହିଛନ୍ତି, ଗତବର୍ଷ ସାମଗ୍ରୀ ବଣ୍ଟନ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଟମାଝିଙ୍କୁ ବାରମ୍ବାର ହିସାବ ମାଗିଲେ ମଧ ସେ ଦେଉନାହାନ୍ତି। ଏପରିକି ଛାତ୍ରୀଛାତ୍ର କିମ୍ବା ତାଙ୍କ ଅଭିଭାବକ ପିଲାଙ୍କ ପୋଷାକ ଆସି ନେଉନାହାନ୍ତି।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ,୨୩।୯(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ଗୁରୁବାର ପାଳନ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଂଗଠନ ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଂଗଠନର ମହିଳାମାନେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘର ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇ, ସଦସ୍ୟା ବିଦ୍ୟୁଲତା ଦଳବେହେରା, ଉମାରାଣୀ ପଲାଇ, ଝୁନୁଲତା ପଲାଇ, ସଞ୍ଜୁଲତା ପଲାଇ, ରମା ତରେଇ, ଶଶୀରେଖା ବାରିକ, ସ୍ୱାଗତୀ ତରାଇ, ସତ୍ୟଭାମା ସେଠୀ, ସୂର୍ଯ୍ୟ ତରାଇ, ମଞ୍ଜୁଲତା ପଲାଇ ପ୍ରମୁଖ ନିର୍ଦ୍ଧାରିତ ଅନୁପାତରେ ସାମଗ୍ରୀ ମିଶ୍ରଣ କରିଥିଲେ। ସିଆଣ୍ଡି ଅଙ୍ଗନୱାଡି ଯାଞ୍ଚ କମିଟି ସଦସ୍ୟ ଦିଗମ୍ବର ପଲାଇ, ମାତୃ କମିଟିର ସଦସ୍ୟା ଲକ୍ଷ୍ମୀପ୍ରିୟା ତରାଇ, ଜିଲାସ୍ତରୀୟ ମମତା ଯୋଜନା ସହାୟକ ଜୟକୃଷ୍ଣ ପଲାଇ, ସୁପରଭାଇଜର ଦୀପ୍ତିରାଣୀ ଦଣ୍ଡପାଟ, ରମାମଣୀ ନାୟକ, ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଏହି ଛତୁଆ କେନ୍ଦ୍ର ୬୩ଟି ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଯାଉଛି।

# ଖୋର୍ଦ୍ଧାରେ ବଢୁଛି ଗୋମାଂସ ଚାଲାଣ

- ର୍‍ୟାକେଟ ସକ୍ରିୟ, ବାହାର ରାଜ୍ୟକୁ ହେଉଛି ଚାଲାଣ
- ତରତୁଆ ଓ ବେଣାପଞ୍ଜୁରୀ ହବ୍ ପାଲଟିଛି

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧାରୁ ଗୋମାଂସ ଚାଲାଣ ବଢିବାରେ ଲାଗିଛି। ଏଠାରୁ ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ହାଇଦ୍ରାବାଦ ଏବଂ ଉତ୍ତରପ୍ରଦେଶ ପ୍ରଭୃତି ବାହାର ରାଜ୍ୟକୁ ଗୋମାଂସ ଚାଲାଣ କରାଯାଉଛି। ଏଥିରେ ଏକ ର୍‍ୟାକେଟ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ଗତ ସପ୍ତାହ ମଧ୍ୟରେ ଜଟଣୀ ଓ ଖୋର୍ଦ୍ଧା ଟାଉନ ପୋଲିସ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଜବତ କରିବା ୫ଜଣଙ୍କୁ ଗିରଫ କରିଛି। ପୂର୍ବରୁ ଜଟଣୀ, ଚିଲିକା, ବାଣପୁର, ଟାଙ୍ଗୀ, ବୋଲଗଡ଼, ବେଗୁନିଆ ଓ ଖୋର୍ଦ୍ଧା ଅଞ୍ଚଳରୁ କଣ୍ଟେନରରେ ଅତି ଦୟନୀୟ ଭାବେ ବାହାର ରାଜ୍ୟ ଦେଇ ବାଂଲାଦେଶକୁ ଗୋଚାଲାଣ ହେଉଥିଲା। ଏବେ ଥର୍ମୋକୁଲର ପେଟିରେ ବରଫ ଦେଇ ଗୋମାଂସ ଚାଲାଣ କରାଯାଉଛି।

ସୂଚନା ଅନୁଯାୟୀ, ଗତ ୧୬ତାରିଖରେ ତରତୁଆ କବରସ୍ଥାନ ନିକଟରେ ଆଇଚର ଗାଡ଼ିରେ ଗୋମାଂସ ଚାଲାଣ ହେଉଥିବା ଖବର ପାଇ ଖୋର୍ଦ୍ଧା ପୋଲିସ ଚଢ଼ାଉ କରିଥିଲା। ଥର୍ମୋକୁଲର ପେଟିରେ ବରଫ ଦିଆଯାଇ ଗୋମାଂସ ଭର୍ତ୍ତି ପେଟି ଜବତ ହୋଇଥିଲା। ପୋଲିସ ୭ କୁଇଣ୍ଟାଲ ଗୋମାଂସ ଜବତ କରି ଜଙ୍ଗଲରେ ପୋତିଥିଲା। ଘଟଣାସ୍ଥଳରୁ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ରବିବାର ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ଏଠାରୁ ଗୋମାଂସ ହାଇଦ୍ରାବାଦକୁ ଚାଲାଣ ହେଉଥିବା ସେମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସେହିପରି ଗତ ୧୪ତାରିଖରେ ଜଟଣୀ ବ୍ଲକ ବେଣାପଞ୍ଜୁରୀ ଅଞ୍ଚଳରୁ ଏକ ଟ୍ରକରେ ଗୋମାଂସ ଚାଲାଣ ହେଉଥିଲା। ଗାଡ଼ି ଚକା ମାଟିରେ ଦବିଯାଇଥିଲା। ଉକ୍ତ ଗାଡ଼ିରେ ଗୋ ମାଂସ ଚାଲାଣ ହେଉଥିବା ଗ୍ରାମବାସୀ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଜଟଣୀ ପୋଲିସ ପହଞ୍ଚି ଗାଡ଼ି ସହ ୨୪ ପେଟି ଗୋମାଂସ ଜବତ କରି ମାଟିରେ ପୋତି ଦେଇଥିଲା। ଏହି ଗୋମାଂସ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଖୋର୍ଦ୍ଧା ଓ ଜଟଣୀରେ ଗୋ ମାଫିଆ ସକ୍ରିୟ ହୋଇ ଉଠିଥିବା ଏଭଳି ଘଟଣାରୁ ସ୍ପଷ୍ଟ ହେଉଛି। ଭୁବନେଶ୍ୱର- ଚେନ୍ନାଇ ୧୬ନଂ ଏବଂ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଏମାନଙ୍କ ଚରାଭୂଇଁ ପାଲଟିଛି। ବିଳମ୍ବିତ ରାତିରେ ଦୈନିକ ଶହ ଶହ ଟ୍ରକରେ ବାହାର ରାଜ୍ୟକୁ ଗୋଚାଲାଣ କରୁଛନ୍ତି। ଖୋର୍ଦ୍ଧା ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ କିଛି ମାସ ମଧ୍ୟରେ ୫ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଚାଲାଣ ବେଳେ ଜବତ କରାଯାଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୋମାଂସ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱ ହିନ୍ଦୁ ପରିଷଦ ଖୋର୍ଦ୍ଧା ପ୍ରଖଣ୍ଡ ସଭାପତି ବସନ୍ତ ଦାସ ଦାବି କରିଛନ୍ତି। ଖୋର୍ଦ୍ଧା ଉପକଣ୍ଠ ତରତୁଆ, ଜଟଣୀ ବ୍ଲକର ବେଣାପଞ୍ଜୁରୀ ଗୋଚାଲାଣର ହବ୍ ପାଲଟିଛି। ଏ ନେଇ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ଖୋର୍ଦ୍ଧା ଜିଲାରେ ଗୋଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୬ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଦେଇ ଚାଲାଣ ହେଉଥିବା ଗୋବଂଶକୁ ରୋକିବା ପାଇଁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରୀତିମତ ଭାବେ ଗୋଚାଲାଣକାରୀଙ୍କୁ ଗିରଫ କରାଯାଉଛି। ଆଗକୁ ମଧ ଏହି ଅଭିଯାନ ଜାରି ରହିବ। ଖୋର୍ଦ୍ଧା ଜିଲାରେ ଗୋଚାଲାଣକୁ ପ୍ରଶ୍ରୟ ଦିଆଯିବ ନାହିଁ।

# ଲଉଡ଼ି ଉତ୍ସବ ପାଳନ ଉପରେ ଗୁରୁତ୍ୱ



ବଲାଙ୍ଗୀର ଜିଲା ଟିଟିଲାଗଡ଼ର କଳାକାରମାନେ ଢାପ୍ ନୃତ୍ୟ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆମ ରାଜ୍ୟର ପ୍ରଲୁପ୍ତ ଲୋକକଳାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ମାସରେ ଗୋଟିଏ ଦିନ ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଆଦିପୁରର ରାଧାକୃଷ୍ଣ ଲଉଡ଼ି ଦଳ ପକ୍ଷରୁ ପାରମ୍ପରିକ ଭାବେ ଗୋପାଳ ସମ୍ପ୍ରଦାୟ ଦ୍ୱାରା ପରିବେଷଣ ହେଉଥିବା ଲଉଡ଼ି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ବଲାଙ୍ଗୀର ଜିଲା ଟିଟିଲାଗଡ଼ର କଳାକାରଙ୍କ ଦ୍ୱାରା ଢାପ୍ ନୃତ୍ୟ ପରିବେଷଣ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ସଚିବ ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୋକକଳାକୁ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଓ ପ୍ରଚେଷ୍ଟାର ଫଳ ସ୍ୱରୂପ ରାଜ୍ୟରେ ୨୦୧୧ରୁ କଳାକାର ସଂଘ ପ୍ରତିଷ୍ଠା ହୋଇପାରିଛି। ଯାହାଦ୍ୱାରା ରାଜ୍ୟରେ ଲୋକକଳାର ଅଧିକରୁ ଅଧିକ ପ୍ରଚାର ପ୍ରସାର ହେବା ସହ ଲୋକ କଳାକାରଙ୍କୁ ସମ୍ମାନ ଓ ମର୍ଯ୍ୟାଦା ମିଳି ପାରିଛି। ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଓଡ଼ିଶାର ବିଭବ ଆମ ଲୋକକଳାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସମଗ୍ର ଭାରତରେ ଅନନ୍ୟ ଓ ଆଦର୍ଶ। ଦାଣ୍ଡିଆ ଡ୍ୟାନ୍ସ ଭଳି ଆଗାମୀ ଦିନରେ ଲଉଡ଼ି ଉତ୍ସବ ପାଳନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଓ ରାଜ୍ୟ କଳାକାର ମହାସଂଘ ଉପସଭାପତି ଅବନୀ କୁମାର ମିଶ୍ର ଯୋଗଦେଇଥିଲେ। କରୋନା କଟକଣା ଅନୁପାଳନ ପୂର୍ବକ ସ୍ୱଳ୍ପ ଦର୍ଶକଙ୍କୁ ନେଇ ଆୟୋଜିତ ହେଇଥିବା ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଘରେ ବସି ଅନେକ ଦର୍ଶକ ବିଭାଗର ଅଫିସିଆଲ ଫେସବୁକ ପେଜ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଦେଖିଥିଲେ। ଶେଷରେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଷୋୟୀ ଲୋକକଳା ଆମ ସ୍ୱତନ୍ତ୍ର ପରିଚାୟକ ହେଇଥିବାରୁ ଏହାର ପ୍ରଚାର ପ୍ରସାର ଓ ଆଦର ଆମ ଗୌରବବୃଦ୍ଧି ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରି ଧନ୍ୟବାଦ ଦେଇଥିଲେ।

### କବି ରାଧାମୋହନ ସିଂଙ୍କ ଜୟନ୍ତୀ ପାଳିତ

**ଜଟଣୀ,୨୩।୯(ଡି.ଏନ୍.ଏ.):** ହିନ୍ଦୀ ପକ୍ଷ ପାଳନ ପରିପ୍ରେକ୍ଷୀରେ ଗୁରୁବାର ହିନ୍ଦୀ ସାହିତ୍ୟର ପ୍ରଖ୍ୟାତ କବି ରାଧାମୋହନ ସିଂହଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ରାଜଭାଷା ବିଭାଗ ପକ୍ଷରୁ ଆୟୋଜିତ ଜୟନ୍ତୀରେ ରେଳମଣ୍ଡଳ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି ଯୋଗଦେଇ କବିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଉପସ୍ଥିତ ଅତିଥିମାନେ ପ୍ରସିଦ୍ଧ କବି ରାଧାମୋହନଙ୍କ କବିତା ଏବଂ ତାଙ୍କ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କବିଙ୍କ ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇ କବିଙ୍କ ବିଷୟରେ ସମ୍ୟକ ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମଣ୍ଡଳ ରାଜ ଭାଷା ଅଧିକାରୀ ୟେଲିନା ପଣ୍ଡା ସଂଯୋଜନା କରିଥିଲେ।

### ୨ ବାଇକ୍ ଚୋରି

**ଜଟଣୀ,୨୩।୯(ଡି.ଏନ୍.ଏ.):** ଜଟଣୀ ଥାନା ଅଧୀନ ବଡନୂଆଗାଁ ମା'ଡମଣେଇ ମନ୍ଦିର ନିକଟରେ ଥିବା ଏକ ଭିଡିଓ ଏଡିଟିଂ କାର୍ଯ୍ୟାଳୟ ଆଗରୁ ଗୁରୁବାର ଅପରାହ୍ନରେ ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଖବର ମୁତାବକ, ଡେଲାଙ୍ଗ ବ୍ଲକ୍ ରେଙ୍ଗଳ ଗ୍ରାମର ଭିଡିଓ ଖବରଦାତା ଜିତସୁନ୍ଦର ବେହେରା ଡମଣେଇ ମନ୍ଦିର ନିକଟରେ ଏକ ଏଡିଟିଂ ଭିଡିଓ ସମ୍ପାଦନା କାର୍ଯ୍ୟାଳୟ କରିଛନ୍ତି। ତେବେ ସବୁଦିନ ଭଳି ଗୁରୁବାର ନିଜ ଗାଡି ଲକ୍ କରି କାର୍ଯ୍ୟାଳୟ ଭିତରେ କାମ ସାରିବା ପରେ ନିକଟସ୍ଥ ଘରକୁ ଯାଇଥିଲେ। ଅପରାହ୍ନରେ ଦୋକାନକୁ ଫେରିବାବେଳେ ତାଙ୍କ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରି ନ ମିଳିବାରୁ ଚୋରି ହୋଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନୁରୂପ ସ୍ଥାନୀୟ ଲୋକ କଲୋନୀ ଅଞ୍ଚଳରୁ ମଧ ଏକ ବାଇକ୍ ଚୋରି ହୋଇଯାଇଛି। ଖବର ଲେଖାଯିବା ବେଳକୁ ଲିଖିତ ଭାବେ ଥାନାରେ ଅଭିଯୋଗ କରାଯାଇନାହିଁ। ସହରରେ ଦିନକୁ ଦିନ ଚୋରି, ଛିନ୍‌ତାଇ ଏବଂ ଆକ୍ରମଣ ସଂଖ୍ୟା ବଢୁଥିବାରୁ ପୋଲିସ୍ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁବ୍ରତ


@ ପ୍ରକାଶ


@ ସ୍ମୃତିରଞ୍ଜନ


@ ଭାଗ୍ୟଶ୍ରୀ


@ ରଶ୍ମିତା


@ ସାଇଚରଣ

# ଗାଡ଼ି ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍

**ନିରାକାରପୁର,୨୩।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଛକରେ ଥିବା ଏକ କ୍ରଶରରୁ ଚିପ୍ସ ନେଇ ହାଇୱା ଗାଡ଼ିରେ ଯାଉଥିବା ବେଳେ ୪/୫ଜଣ ଯୁବକ ଗାଡି ଅଟକାଇ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ତାଙ୍କଠାରୁ ମୋବାଇଲ, ଏଟିଏମ୍ କାର୍ଡ ସମେତ ୭ହଜାର ଟଙ୍କା ଛଡାଇ ନେଇଯାଇଛନ୍ତି। ଖବର ପାଇ ଖୋର୍ଦ୍ଧା ଜିଲା ଚାଳକ ମହାସଂଘର କର୍ମକର୍ତ୍ତାମାନେ ପହଞ୍ଚି ଆହତଙ୍କୁ ମେଡିକାଲ ପଠାଇବା ସହିତ ସ୍ଥାନୀୟ ଥାନାରେ ଏକ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ଥାନା ଗୋଡିପଡା ଗ୍ରାମର ପ୍ରଶାନ୍ତ କୁମାର ଖଣ୍ଡୟତରାୟ ଗୋଳବାଇ ଛକରୁ ଚିପ୍ସ ହାଇୱାରେ ଲୋଡ୍ କରି ଯାଉଥିଲେ। ଏହି ସମୟରେ ହଠାତ୍ ୨ଟି ବାଇକ୍‌ରେ ୪/୫ ଯୁବକ ଆସି ତାଙ୍କ ଗାଡ଼ିକୁ ଅଟକାଇ ଅତର୍କିତ ଭାବେ ଆକ୍ରମଣ କରି ଟଙ୍କା, ମୋବାଇଲ ଲୁଟି ନେଇଯାଇଥିଲେ। ଫଳରେ ପ୍ରଶାନ୍ତ ଗୁରୁତର ଆହତ ହୋଇଥିଲେ। ଖବରପାଇ ଜିଲା ଚାଳକ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ମହାରଣା, ଟାଙ୍ଗୀ ବ୍ଲକ୍ ସଭାପତି କୌସର ଖାଁ,ସଂପାଦକ ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ସମସ୍ତ ଚାଳକ ଥାନାରେ ପହଞ୍ଚି ଅଭିଯୋଗ ଦେଇଥିଲେ। ପୋଲିସ ଏହାର ତଦନ୍ତ ଚଳାଇଛି।

# ଦିନିକିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ

**ଜଟଣୀ,୨୩।୯(ଡି.ଏନ୍.ଏ.)**

ଜଟଣୀସ୍ଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଖେଳପଡ଼ିଆ ପରିସରରେ ଗୁରୁବାର ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରୀୟ ଫୁଟବଲ ରେଫରି ସ୍ୱର୍ଗତ ଶିବପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବତଟ ରେଳପଥ ଓ ଜଟଣୀ ୟଙ୍ଗଷ୍ଟାର୍ ଫୁଟବଲ ଆସୋସିଏଶନ୍‌ର ମିଳିତ ସହଯୋଗରେ ଆୟୋଜିତ ଖେଳ ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଇଥିଲେ। ନିର୍ଣ୍ଣାୟକ ପ୍ରତିଯୋଗିତା ରେତଙ୍ଗ୍ କଲୋନୀ ଓ କୁଶମାଟି ମଧ୍ୟରେ ହୋଇଥିବା ସମୟରେ ରେତଙ୍ଗ କଲୋନୀ ଦଳ ୨–୧ ଗୋଲରେ ବିଜୟୀ ହୋଇଥିଲା। ସୁବା ସିଂ ଓ ଶ୍ୟାମ ସୁନ୍ଦର ସୁରେନ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ଏହି ପ୍ରତିଯୋଗିତାରେ ପୂର୍ବତନ ଜାତୀୟ ରେଫରି ଭଗବାନ ଦାସ, ପୂର୍ବତଟ ରେଳପଥ ସ୍ପୋର୍ଟସ ଆସୋସିଏଶନ ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ପି.କେ.ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ପ୍ରଦାନ ସହ ଭାଗନେଇଥିବା ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ସ୍ୱର୍ଗତ ଜାତୀୟ ଫୁଟବଲ ରେଫରି ଶିବପ୍ରସାଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ହସ୍ପିଟାଲ ଷ୍ଟାମ୍ପ ଥିଲେ ମିଳୁଛି କରୋନା ଟିକା

**ନିରାକାରପୁର,୨୩।୯(ଡି.ଏନ୍.ଏ.)**

କରୋନା ଟିକା ନେବା ପାଇଁ ଲୋକେ ଏବେ ବି ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେହି ଦୀର୍ଘ ସମୟ ପର୍ଯ୍ୟନ୍ତ ଲମ୍ବା ଲାଇନ୍‌ରେ ଅପେକ୍ଷା କରିବା ସତ୍ତ୍ୱେ ଟିକା ସରିଯିବା ଶୁଣି ନିରାଶରେ ଫେରୁଥିବାବେଳେ ଅନ୍ୟ କେଉଁଠି ସ୍ଲଟ ବୁକିଂ ହୋଇ ନ ପାରି ଟିକା ନେବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସମୟରେ ଖୋର୍ଦ୍ଧା ଜିଲା ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଟିକା କେନ୍ଦ୍ରରେ ବିନା ସ୍ଲଟ ବୁକିଂରେ ଆଧାର କାର୍ଡରେ କ୍ୟାପିଟାଲ ହସ୍ପିଟାଲ ଷ୍ଟାମ୍ପ ଥିଲେ ଟିକା ଦିଆଯାଉଥିବାର ଗୁରୁବାର ଦେଖିବାକୁ ମିଳିଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କଠାରୁ ଆଧାର କାର୍ଡରେ ହସ୍ପିଟାଲ ଷ୍ଟାମ୍ପ ଦେଖି ଟିକା ଦିଆଯାଉଥିଲା। ଏହା କେବଳ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ ଆସି ଟିକା ନେଉଥିଲେ। ଏହି ଘଟଣା କେତେଜଣ ବ୍ୟକ୍ତି ଜାଣିବା ପରେ ଉକ୍ତ ଟିକାକେନ୍ଦ୍ର ହୋହଲ୍ଲା କରିଥିଲେ। ଅନେକଙ୍କୁ ସ୍ଲଟ ବୁକିଂ ନ ହେଲେ ଟିକା ଦିଆଯିବନାହିଁ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଉ ଥିବାବେଳେ ଏବେ ଏଭଳି ଟିକା ଦିଆଯିବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏଥିପାଇଁ କେତେଜଣ ରାଜନୈତିକ ଲୋକଙ୍କ ହାତ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ଟିକା କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଏହି ଷ୍ଟାମ୍ପ ବିଷୟରେ ଆମେ କିଛି ଜାଣିନୁ। ଜଣେ ସ୍ୱାସ୍ଥ୍ୟକର୍ମୀ ଟିକା ପ୍ରଦାନ କାର୍ଯ୍ୟ କରୁଥିବା କହିଥିଲେ। ସେହିପରି ଏଡିଏମ୍‌ଓ ଦ୍ୱାରିକାନାଥ ଶତପଥୀଙ୍କୁ ପଚାରିବାରେ ଏ ବିଷୟରେ ସୂଚନା ପାଇ ନ ଥିବାବେଳେ ତଥାପି ଅଭିଯୋଗକୁ ଗୁରୁତ୍ୱ ଦେବି ବୋଲି କହିଛନ୍ତି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଆମେ ସେ ଷ୍ଟାମ୍ପ ଦେଇ ନାହୁଁ। ଯଦି ଅଭିଯୋଗ ହେବ ତା' ହେଲେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଡ୍ରେନ୍ ଅବରୋଧ, ରାସ୍ତାରେ ପାଚେରିକୁ ବିରୋଧ

**ନିରାକାରପୁର,୨୩।୯(ଡି.ଏନ୍.ଏ.)**

ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତ ଖଜୁରିପଡା ବ୍ରାହ୍ମଣସାହି ଗ୍ରାମରେ ସର୍ବସାଧାରଣ ସରକାରୀ ରାସ୍ତାରେ ପାଚେରି ନିର୍ମାଣ ଓ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନକୁ କେତେଜଣ ବ୍ୟକ୍ତି ପୋତିଦେଇଛନ୍ତି। ଏଥିଯୋଗୁ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏହାକୁ ବିରୋଧ କରି ଗୁରୁବାର ଥାନାଧିକାରୀ ଓ ଟାଙ୍ଗୀ ତହସିଲଦାରଙ୍କ ଉଦ୍ଦେଶ୍ୟରେ ନିରାକାରପୁର ଆର୍‌ଆଇଙ୍କ ଜରିଆରେ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଖଜୁରିପଡ଼ା ସାହିର ପୂର୍ବପାର୍ଶ୍ୱରେ ଥିବା ଠାକୁରାଣୀଙ୍କ ମନ୍ଦିରଠାରୁ ଓକିଲ ସାହି ପର୍ଯ୍ୟନ୍ତ ଯାଇଥିବା ସରକାରୀ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନକୁ କେତେଜଣ ବ୍ୟକ୍ତି ପୋତିଦେଇ ରାସ୍ତା ଉପରେ ପ୍ରାଚୀର ନିର୍ମାଣ କରିଛନ୍ତି। ଏଥିସହ ଘରର ଆବର୍ଜନା ପାଣିକୁ ରାସ୍ତାକୁ ଛାଡୁଛନ୍ତି। ଏଥିଯୋଗୁ ଏହି ରାସ୍ତା ଦେଇ ଲୋକେ ପୋଖରୀ, ମନ୍ଦିର, ଶ୍ମଶାନ ଓ ସ୍କୁଲ ଯିବାବେଳେ ଦୁର୍ଗନ୍ଧ ହେଉବା ସହ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ତେବେ ନକ୍ସାରେ ୨୫/୩୦ଫୁଟ ରାସ୍ତା ଥିବାବେଳେ ଉଭୟ ପାର୍ଶ୍ୱରୁ ଘର ମଡେଇ ଦେଇଥିବାରୁ ଏବେ ଗୋଟିଏ ଚାରିଚକିଆ ଯାନ ଗ୍ରାମକୁ ଏହି ରାସ୍ତାଦେଇ ଯାଇପାରୁନାହିଁ। ଏପରିକି ମୃତଦେହ ନେଇ ଏହି ରାସ୍ତା ଦେଇ ଶ୍ମଶାନ ଯିବା ବଡ କଷ୍ଟକର। ବାରମ୍ବର ଅଭିଯୋଗ କଲାପରେ କେହି ନ ଶୁଣିବାରୁ ଗ୍ରାମବାସୀ ମିଳିତ ହୋଇ ଅଭିଯୋଗ କରିଛନ୍ତି ବୋଲି ଗ୍ରାମର ସାଗର କୁମାର ବାରିକ,ରାମଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗପତ୍ର ପାଇବା ପରେ ଘଟଣାସ୍ଥଳକୁ ଯାଇ ଡ୍ରେନ ଅବରୋଧ କରିଥିବା ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଆଲୋଚନା କରିଛି।


ପୋଲିସ ଘଟଣାସ୍ଥଳ ପରିଦର୍ଶନ କରୁଛି।

**ଯୁକ୍ତ ୩ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ**

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା (ମେରିଟ ଲିଷ୍ଟ) ଗୁରୁବାର ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୪୦,୬୧୧ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୧,୫୮୪ଜଣ ଛାତ୍ରୀ ଥିବାବେଳେ ୧୯,୦୨୪ଜଣ ଛାତ୍ର ଓ ୩ଜଣ କିନ୍ନର ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ରମାନେ ୨୪ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇବେ। ୨୯ତାରିଖ ମଧ୍ୟରେ କେତେ ପିଲା ନାମ ଲେଖାଇଲେ ସେ ସଂକ୍ରାନ୍ତ ତଥ୍ୟ ସାମ୍ସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୦୯।୨୦୨୧

| | |
|---|---|
| ୩,୬୭,୧୬୧ ଟଙ୍କା | |
| ସୁନା | ୧୩.୨୧୦ ଗ୍ରାମ |
| ରୁପା | ୯.୬୮୦ ଗ୍ରାମ |

# ବନ୍ୟାଜଳ କମିବା ସତ୍ତ୍ୱେ ଚାଷଜମି ଜଳାର୍ଣ୍ଣବ

କାକଟପୁର,୨୩।୯(ଡି.ଏନ୍.ଏ.)

- ଧାନ, ପାନବରଜ, ପନିପରିବା ନଷ୍ଟ
- ସହାୟତା ଲାଗି ଦାବି

କାକଟପୁର ବ୍ଲକର ୮୦ରୁ ୯୦ ଭାଗ ଲୋକ ଧାନ ଚାଷ, ପାନବରଜ ଓ ପନିପରିବା ଚାଷକରି ଗୁଜୁରାଣ ମେଣ୍ଟାନ୍ତି। ଏ ଅଞ୍ଚଳର ବର୍ଷା ଜଳ ନିଷ୍କାସନର ଏକମାତ୍ର ମାଧ୍ୟମ ହେଉଛି ପ୍ରାଚୀ ନଦୀ। କିନ୍ତୁ ପ୍ରଶାସନର ଅପାରଗତା ଓ ରାଜନେତାଙ୍କ ସହ ସଲାସୁତୁରା କରି କାଳକ୍ରମେ ଭୂମି ଦଲାଲମାନେ ନଦୀ ସଂଲଗ୍ନ ପଠା, ଗୋଚର ଓ ଅନାବାଦୀକୁ ଲିଜ ସୂତ୍ରରେ ନେଇ ପରେ ବିକ୍ରି କରିଦେଲେ। ଫଳରେ ନଦୀର ଉଭୟ ପାର୍ଶ୍ୱରେ ବିରାଟକାୟ କୋଠାମାନ ଗଢିଉଠି ନଦୀର ଅବୟବକୁ ସଂକୁଚିତ କରିଦେଲା। ନଦୀଟି ଦିନକୁ ଦିନ ସଉା ହରାଇ କଟକି ଦଳ ପୂର୍ଣ୍ଣ ଏକ ନାଳୀରେ ସୀମିତ ରହିଛି। ଏହାକୁ ସଫେଇ କରିବା ପାଇଁ ସରକାରଙ୍କ ପୁରୀ ଜିଲା ଜଳ ନିଷ୍କାସନ ବିଭାଗ ପ୍ରତିବର୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା କାଗଜ ପତ୍ରରେ ସୀମିତ ରହୁଥିବା ନଦୀ କୂଳର ଅଧିବାସୀ ଅଭିଯୋଗ କରିଆସୁଛନ୍ତି। ଫଳରେ କାକଟପୁର ବ୍ଲକର କୃଷି ବିଭାଗ ରିପୋର୍ଟ ଅନୁସାରେ ଚଳିତ ବର୍ଷ ୯,୨୦୦ହେକ୍ଟର ଚାଷୀତ ଜମିରୁ ୮,୦୦୦ହେକ୍ଟର ଚାଷଜମିରେ ଲଘୁଚାପଜନିତ ବର୍ଷା ଓ ବନ୍ୟାଜଳ ଚାଷକୁ କ୍ଷତି ପହଞ୍ଚାଇଛି। ଅଞ୍ଚଳରେ ବନ୍ୟାଜଳ କମିଯାଇଥିଲେ ସୁଦ୍ଧା ଅଧିକାଂଶ ଚାଷ ଜମି ଜଳାର୍ଣ୍ଣବ ହୋଇ ରହିଛି। ଏଥିଯୋଗୁ ଏକର ଏକର ଜମିରେ ଥିବା ଧାନ ଫସଲ ନଷ୍ଟ ହୋଇଯାଇଛି। ଏ ନେଇ କାକଟପୁର ଅତିରିକ୍ତ ବ୍ଲକ କୃଷି ଅଧିକାରୀ ସୌଭାଗ୍ୟ କୁମାର ମହାନ୍ତି କହିଛନ୍ତି, ଚଳିତବର୍ଷ ବିଳମ୍ବରେ ବର୍ଷା ହେବାରୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଥିଲା। ସେମାନେ ରୁଆରୁଇ ସାରି ବର୍ଷା ହେବାବେଳକୁ ପ୍ରଥମ ସାର ପକାଇ ଦେଇଥିଲେ, ଫଳରେ ଧାନ ଗଛ ବୁଡିଯିବା ଯୋଗୁ ନଷ୍ଟ ହୋଇଗଲା। ସେହିପରି କରୋନା ପ୍ରଭାବରେ ଜୀବିକା ହରାଇ ଘରେ ଥିବା ପ୍ରବାସୀମାନେ ଋଣ କରି ପାନବରଜ ଓ ପନିପରିବା କରିଥିଲେ ବହୁଦିନ ଧରି ପାଣି ଜମିରହିବା ଫଳରେ ସେସବୁ ନଷ୍ଟ ହୋଇଗଲାଣି। ବର୍ତ୍ତମାନ ଧାନଚାଷୀ,ପାନବରଜୀ ଓ ପନିପରିବା ଚାଷୀମାନେ ଚିନ୍ତାରେ ବସିଛନ୍ତି। ସରକାର ତୁରନ୍ତ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବରୁ ପ୍ରଦତ୍ତ ଲିଜଗୁଡିକୁ ଖାରଜ କରି ସମସ୍ୟାର ଦୀର୍ଘମିଆଦି ସମାଧାନ କରିବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ଓ ରବିଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଯୋଗାଇ ଦେବାକୁ କାକଟପୁରର ଅଗ୍ରଣୀ କୃଷକ ସଂଗଠନ ସମେତ ଚାଷୀମାନେ ଦାବି କରିଛନ୍ତି।



କାକଟପୁର ଅଞ୍ଚଳର ଚାଷ ଜମି ବନ୍ୟା ଜଳରେ ବୁଡି ରହିଛି ।

# ୧୦ଦିନ ହେଲା ପାଣିଘେରରେ ଲୋକେ

ସାକ୍ଷୀଗୋପାଳ,୨୩।୯(ଡି.ଏନ୍.ଏ.)

**ଦଳସଫା ଉଦ୍ୟମ ବିଫଳ**

ସତ୍ୟବାଦୀ ବ୍ଲକର ଦୁଗଲ ପଞ୍ଚାୟତର ପଞ୍ଚୁକେରା, ଅଠାଇଶ ଅନ୍ତରପଣ୍ଟ, ଉତ୍ତରମାଳସାହି, ଦକ୍ଷିଣମାଳସାହି, ମାଣିକମାଳ ସାହି, ବୁଡିମରା ଓ ବୀରଗୋବିନ୍ଦପୁର ଦଳିତ ସାହିର ପ୍ରାୟ ୩ ହଜାର ଲୋକ ୧୦ ଦିନ ହେଲା ପାଣିଘେରରେ ରହିଛନ୍ତି। ବର୍ଷା ଛାଡିଯିବା ପରେ ବି ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଖଲାସୀ ନାଳରେ ବିଲାତି ଦଳ ଜମି ରହି ଜଳ ନିଷ୍କାସନରେ ବାଧାସୃଷ୍ଟି ହୋଇଛି। ଗାଁଦାଣ୍ଡରେ ଅଣ୍ଟାଏ ପାଣିରେ ଯିବା ଆସିବା ପାଇଁ କଦଳୀ ଭେଳା ସାହାରା ନେବାକୁ ପଡିଛି। ଉଦବୃତ୍ତ ଜଳ ନିଷ୍କାସନ ଦାବି କରିବା ସହ ସ୍ଥିତି ଅନୁଧ୍ୟାନ କରିବାକୁ ବିଡିଓ କ୍ଷୀରୋଦ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରି ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ବିଡିଓ ବେହେରା ଗୁରୁବାର ଜଳମଗ୍ନ ଗ୍ରାମ ସବୁ ପରିଦର୍ଶନ କରିବା ସହିତ ଜଳ ନିଷ୍କାସନ କରିବା ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗୁରୁବାର ଜେସିବି ସାହାଯ୍ୟରେ ବୁଢ଼ୀମରା ଓ ବୀରଗୋବିନ୍ଦପୁର ବ୍ରିଜ ନିକଟରେ ଦଳ ସଫା କରିବା ନିମନ୍ତେ ଉଦ୍ୟମ କରିଥିଲେ। ମାତ୍ର ଏହା ବିଫଳ ହୋଇଥିଲା। ଜଳ ନିଷ୍କାସନ ଦାୟିତ୍ୱରେ ଥିବା ପୁରୀ ଡ୍ରେନେଜ ବିଭାଗ ଉପରୋକ୍ତ ବ୍ରିଜଡ଼ାରେ ରହିଥିବା ଦଳ ସଫା କରି ଜଳ ନିଷ୍କାସନ ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ବେହେରା କହିଛନ୍ତି। ଶୁକ୍ରବାର ଜଳ ନିଷ୍କାସନ ପାଇଁ ପୁଣି ଉଦ୍ୟମ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ

ପୁରୀ ଅଫିସ,୨୩।୯:

ଜିଲା ସ୍ୱଳ୍ପ ସଞ୍ଚୟ ସଙ୍ଗଠନ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱଳ୍ପ ସଞ୍ଚୟ ଉପବିଭାଗ ଉପଶାସନ ସଚିବ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଞ୍ଚିତ ଅର୍ଥ ରାଶିକୁ ପଞ୍ଜୀକୃତ ସଂସ୍ଥାରେ ଜମା କରିବାକୁ ପରାମର୍ଶ ଦେଇଥିଲେ। ଅଣସ୍ୱୀକୃତିପ୍ରାପ୍ତ, ଅଣ ଅଧିକୃତ ଓ ଅଣପଞ୍ଜୀକୃତ ସଂସ୍ଥା, ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରେ ଅର୍ଥ ନିବେଶଠାରୁ ଦୂରରେ ରହିବାକୁ କହିଥିଲେ। ସେହିଭଳି ପୁରୀ ଡାକ ମଣ୍ଡଳ ବରିଷ୍ଠ ଡାକ ଅଧୀକ୍ଷକ ବିପିନ ବିହାରୀ ମହାନ୍ତି ଜମାରାଶି ଉପରେ ସୁଧ ଓ ବିଭିନ୍ନ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଣପଞ୍ଜୀକୃତ ବେସରକାରୀ ସଂସ୍ଥାରେ ଅର୍ଥ ଲଗାଣ ସବୁବେଳେ ଅସୁରକ୍ଷିତ ବୋଲି ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ବିଭୂତି ଭୂଷଣ ନାୟକ ସଭା ପରିଚାଳନା କରିଥିବା ବେଳେ ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର କିଶୋର ଚନ୍ଦ୍ର ଆଚାର୍ଯ୍ୟ, ପୁରୀ ସଦର ଓବିଡ଼ିଓ ମନୋଜ ବେହେରା ଓ ସିଡିପିଓ ଚନ୍ଦ୍ରପ୍ରଭା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ବସ୍ତିରୁ ଜଳ ନିଷ୍କାସନ, ଖାଦ୍ୟ ଯୋଗାଇବାକୁ ଦାବି

ପୁରୀ ଅଫିସ, ୨୩।୯- ଲଘୁଚାପଜନିତ ବର୍ଷା କାରଣରୁ ପାଣିଘେରରେ ଥିବା ବଳିଆପଣ୍ଡାସ୍ଥିତ ବିଜୟ ନଗରରେ ଜମି ରହିଥିବା ପାଣି ନିଷ୍କାସନ କରିବା ସହ ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ଯୋଗାଇଦେବାକୁ ଦାବି କରି ଗୁରୁବାର ବସ୍ତିବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଲଘୁଚାପଜନିତ ବର୍ଷାରେ ବସ୍ତିବାସିନ୍ଦା ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଘରେ ପାଣି ପଶିଯିବା କାରଣରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ପ୍ରକାର ଜଳ ଯନ୍ତୁ ସାପ ଘରେ ପଶୁଛନ୍ତି । ଫଳରେ ଲୋକେ ରୋଡ ଉପରେ ଆଶ୍ରୟ ନେଉଛନ୍ତି। ଏପରିକି ଘର ଜଳମଗ୍ନ ଥିବାରୁ ରୋଷେଇ କରିବା ମଧ୍ୟ ସମ୍ଭବପର ହେଉ ନାହିଁ। ତେଣୁ ପ୍ରଶାସନ ସମସ୍ୟାକୁ ଦୃଷ୍ଟିରେ ରଖି ବସ୍ତିରୁ ଜଳ ନିଷ୍କାସନ କରିବା ସହ ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି ।

### ଜିଲାପାଳ-ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀ ଆଲୋଚନା

କୋଣାର୍କ,୨୩।୯(ଡି.ଏନ.ଏ): କୋଣାର୍କ ସୂର୍ଯ୍ୟମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଥିବା ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ପ୍ଲଟ ବଣ୍ଟନରେ ଟାଳଟୁଳ ନେଇ କେତେଜଣ ବ୍ୟବସାୟୀ ଅସନ୍ତୁଷ୍ଟ ହୋଇଥିଲେ। ଏହାକୁ ନେଇ ପ୍ରଶାସନ ନିକଟରେ ଅସନ୍ତୁଷ୍ଟ ବ୍ୟବସାୟୀମାନେ ଦାବି କରିଥିଲେ। ଫଳରେ ଗୁରୁବାର ଜିଲାପାଳ ସମର୍ଥ ବର୍ମାଙ୍କ ସହିତ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ଗୋପାଳ ଚନ୍ଦ୍ର ବେହେରା, ରଞ୍ଜିତ କୁମାର ରାଉତରାୟ, ବିଜୟ ନନ୍ଦି, ଭାସ୍କର ବେହେରା ପ୍ରମୁଖ ଆଲୋଚନା କରିଥିଲେ। ଏଥିସହ ଏହି ଆଲୋଚନାରେ ୪୫ଜଣ ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀ ଅଂଶଗ୍ରହଣ କରି ଆଲୋଚନା କରିବା ସହ ବ୍ଲକରେ ପ୍ଲଟ ନେଇ ଦୋକାନ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ଥଇଥାନ ନିମନ୍ତେ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ମଙ୍ଗଳା ମନ୍ଦିର ନିକଟରେ ପ୍ଲଟ ଦିଆଯାଇଛି। ଏ ଓ ବି ବ୍ଲକରେ ୨୨୧ ଜଣ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଏଠାରେ ଥଇଥାନ କରାଯାଇଛି। ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଧାରଣାରୁ ହଟିବା ସହିତ ବିଶୃଙ୍ଖଳା ନ କରି ବ୍ୟବସାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା କହିଥିଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ। ପର୍ଯ୍ୟଟକଙ୍କ ନିମନ୍ତେ ଆଇଓଏଫ ପାର୍କିଂ ପାଚେରି କଡରେ ସିଟିଂ ଚେୟାର ଓ ପାନୀୟ ଜଳ ବ୍ୟବସ୍ଥା ରହିଛି। ଆଗାମୀ ଦିନରେ କୋଣାର୍କ ବସଷ୍ଟାଣ୍ଡ ନିକଟରେ ଦୁଇଟି ଭେଣ୍ଡିଂ ଜୋନ ନିର୍ମାଣ ହେବ। ଏଠାରେ ଅନ୍ୟ ଉଠା ବ୍ୟବସାୟଙ୍କୁ ଥଇଥାନ କରାଯିବ।

### ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର

ପୁରୀ ଅଫିସ,୨୩।୯ - ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶ୍ରାଦ୍ଧ - ତର୍ପଣ କର୍ମ ସମ୍ପାଦନ କରୁଥିବା ବ୍ରାହ୍ମଣ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁବନ୍ଦୋବସ୍ତ କରିବାକୁ ଅନୁରୋଧ କରି ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.କିଷନ କୁମାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପରିଷଦର ଅଧ୍ୟକ୍ଷ ମନୋଜ ରଥଙ୍କ ଅଭିଯୋଗ ଅନୁଯାୟୀ, ବର୍ଷ ବର୍ଷ ଧରି ଓଡ଼ିଆ ଲୋକେ ଶ୍ରୀକ୍ଷେତ୍ରରେ ନିଜର ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥାନ୍ତି। ସେହିପରି ଶ୍ରୀମନ୍ଦିର ବାଇଶି ପାହାଚରେ ଶ୍ରାଦ୍ଧ ପାଇବା ମଧ୍ୟ ତା'ର ମରଣ ଉପରାନ୍ତ ଇଚ୍ଛା। କିନ୍ତୁ ବିଗତ କିଛିବର୍ଷ ହେଲା ଜନଗହଳି ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ବାଇଶି ପାହାଚରେ ଶ୍ରାଦ୍ଧ ଆଦି କର୍ମକୁ ବାରଣ କରାଯାଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ ସମ୍ପନ୍ନ ନ ହୋଇଛି ସେ ପର୍ଯ୍ୟନ୍ତ ଶ୍ରୀମନ୍ଦିରର ଅନତି ଦୂରରେ ଏକ ଅସ୍ଥାୟୀ ଟେଣ୍ଟ ସହିତ ଅନୁଚ୍ଚ ମଞ୍ଚର ବ୍ୟବସ୍ଥା କରିବାକୁ ପରିଷଦ ଅନୁରୋଧ କରିଛି।



ୟୁନିସେଫ ପକ୍ଷରୁ ପିପିଲିର ଦରଡା ଗ୍ରାମରେ ଗୁରୁବାର ପ୍ରଥପ୍ରାନ୍ତ ନାଟକ ଦ୍ୱାରା ଜନସଚେତନତା କରାଯାଉଛି ।

## ପଥପ୍ରାନ୍ତ ନାଟକ ଦ୍ୱାରା ଜନ ସଚେତନତା

ପିପିଲି,୨୩।୯(ସ୍ୱ.ପ୍ର.):

ୟୁନିସେଫ୍ ଆନୁକୂଲ୍ୟରେ ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଆରମ୍ଭ ହୋଇଛି ଗାଁ ଗାଁରେ ଜନସଚେତନତା କାର୍ଯ୍ୟକ୍ରମ। ପଥପ୍ରାନ୍ତ ନାଟକ ମାଧ୍ୟମରେ ଗାଁ ଗହଳିରେ ମହିଳା ଓ ସାଧାରଣ ଲୋକମାନଙ୍କୁ ଶିଶୁ ନିର୍ଯାତନା, ବାଲ୍ୟବିବାହ ପ୍ରଥାକୁ ବାରଣ କରି ଏହି ଜନ ସଚେତନତା କରାଉଛନ୍ତି। ତେବେ ଗୁରୁବାର ପିପିଲିର ଦରଡା ଗ୍ରାମରେ ଜାଗୃତି ଯୁବ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଂଗଠନର ସଦସ୍ୟ ସଦସ୍ୟାମାନେ ଏହି ପଥପ୍ରାନ୍ତ ନାଟକ କରି ଜନସଚେତନ କରିଛନ୍ତି। ତେବେ ଏହି ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମରେ ୟୁନିସେଫ୍ ରାଜ୍ୟ ମୁଖ୍ୟ ନେହା ନାଇଡୁ, ସଦସ୍ୟ ମିସ ରାଧିକା, ରାଜ୍ୟ ଶିଶୁ ମହିଳା ବିକାଶ ଅଧିକାରିଣୀ ଅନୁପମା ସାହୁ, ଇତିହାସ ସଙ୍କଳନ ସମିତି କ୍ଷେତ୍ରୀୟ ସଚିବ କମଳେଶ ଦାଶ, ଜାଗୃତି ସଂଗଠନର ଉପଦେଷ୍ଟା ଇଂ ରମେଶ ଶତପଥୀ, ବିଭୁନି ସାମନ୍ତରାୟ ପ୍ରମୁଖ ଯୋଗଦେଇ ନାଟ୍ୟ ପରିବେଷଣ କରୁଥିବା କଳାକାରମାନଙ୍କୁ ଉତ୍ସାହିତ କରଥିଲେ ।

## ଜିଲା କାରାଗାରରେ ୨୯୧ କଏଦୀଙ୍କୁ କରୋନା ଟିକା

ଗୋପ,୨୩।୯(ଡି.ଏନ.ଏ.)

ପୁରୀ-କୋଣାର୍କ ରାସ୍ତାର ଟିକନାସ୍ଥିତ ଜିଲା କାରାଗାରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରୋନା ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଠାରେ ୨୯୧ ଜଣ କଏଦୀ ଓ ୧୧ ଜଣ ଜେଲ କର୍ମଚାରୀ ଟିକା ଦିଆଯାଇଥିଲା। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜସ୍ମିନ ଆଫ୍ରୋଜଙ୍କ ନେତୃତ୍ୱରେ ଏହି ଟିକାକରଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ମନୋରଞ୍ଜନ ମହାନ୍ତି, ରାଜେଶ କୁମାର ପାଇକରାୟଙ୍କ ସହିତ ସ୍ୱାସ୍ଥ୍ୟ କର୍ମଚାରୀ ସାମିଲ ଥିଲେ। ୬୧୦ଜଣ କଏଦୀ ଥିବା ଏହି କାରାଗାରରେ ୨ ଦିନ ଧରି ଟିକା କାର୍ଯ୍ୟ ଚାଲିବ ବୋଲି ସୂଚନା ମିଳିଛି।

## ଅନ୍ତର୍ଜାତୀୟ ଶାନ୍ତି ପୁରସ୍କାର ପାଇଲେ ଅଖଣ୍ଡ

ପିପିଲି,୨୩।୯(ସ୍ୱ.ପ୍ର.):




ଅନ୍ତର୍ଜାତୀୟ ପବ୍ଲିକ ପିସ ପ୍ରାଇଜ ବିଜେତା ହୋଇଛନ୍ତି ଓଡ଼ିଶାର ଜଣାଶୁଣା ମାନବିକ ଅଧିକାର କର୍ମୀ ପିପିଲି ବ୍ଲକ ଅଞ୍ଚଳର ଅଖଣ୍ଡ। ଅନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ଗତ ୨୧ ତାରିଖରେ କାନାଡାର ପବ୍ଲିକ ପିସ ପ୍ରାଇଜ କମିଟି ବିଜେତାଙ୍କ ନାମ ଘୋଷଣା କରିଛି। ୨୦୨୦-୨୧ ବର୍ଷ ପାଇଁ ସାରା ଭାରତରୁ ୩ଜଣଙ୍କୁ ଏହି ପୁରସ୍କାର ମିଳିଥିବା ବେଳେ ଏଥିରେ ଅଖଣ୍ଡଙ୍କ ନାମ ରହିଛି। ଶାନ୍ତି ଓ ନ୍ୟାୟ ପାଇଁ କାମ କରୁଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଅଖଣ୍ଡ ମାନବିକ ଅଧିକାରର ସୁରକ୍ଷା ଓ ପ୍ରଚାର ପ୍ରସାର କାର୍ଯ୍ୟରେ ଗତ ଦଶନ୍ଧି ହେଲା ସକ୍ରିୟ ଭାବେ କାମ କରୁଛନ୍ତି । ସେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ହେଉଥିବା ମାନବିକ ଅଧିକାର ଉଲ୍ଲଂଘନ ପ୍ରସଙ୍ଗଗୁଡିକ ରାଜ୍ୟ ଓ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଉପସ୍ଥାପନ କରି ଲୋକମାନଙ୍କୁ ନ୍ୟାୟ ଦେବାକୁ ଚେଷ୍ଟା କରିଆସୁଛନ୍ତି । ମାନବିକ ଅଧିକାରର ଉଲ୍ଲଂଘନ ମାମଲାରେ ପୀଡ଼ିତ କିମ୍ବା ସେମାନଙ୍କ ପରିବାର ବର୍ଗଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ କରିଆସୁଛନ୍ତି । ସେ ବ୍ୟକ୍ତିଗତ ପୀଡିତା କିମ୍ବା ଜନସାଧାରଣଙ୍କ ପାଇଁ NHRC କିମ୍ବା SHRC ନିକଟରେ ୧୦୦୦ ରୁ ଅଧିକ ମାମଲା ଦାୟର କରିଛନ୍ତି। ଏକ ବିଜ୍ଞପ୍ତି ଅନୁଯାୟୀ ଅଖଣ୍ଡଙ୍କ ହସ୍ତକ୍ଷେପ ଦ୍ୱାରା ୧୦,୦୦୦ରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ସେ ନୂଆ ଯୁବକମାନଙ୍କୁ ମାନବିକ ଅଧିକାର ତାଲିମ ଦେବା ସହ ମାନବିକ ଅଧିକାର ସଂସ୍କୃତିର ପ୍ରସାର କାର୍ଯ୍ୟ କରୁଛନ୍ତି। ଏହି ବର୍ଷ ମହାମାରୀର ସତ୍ତ୍ୱେ ଏହି ଶାନ୍ତି ପୁରସ୍କାର ପାଇଁ ୯ ଜଣଙ୍କ ନାମାଙ୍କନପତ୍ର ଫାଇନାଲିଷ୍ଟ ଭାବେ ଯୋଗ୍ୟତା ହାସଲ କରିଥିଲା। ଏଥିମଧ୍ୟରେ କାନାଡା, କଲମ୍ବିଆ, ଭାରତ, ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ (DRC) ଏବଂ ପାକିସ୍ଥାନ ସମେତ ପାଞ୍ଚଟି ଦେଶର ବ୍ୟକ୍ତିତ୍ୱ ଓ ସଂଗଠନମାନେ ଥିଲେ। ଏହି ଅନ୍ତର୍ଜାତୀୟ ପୁରସ୍କାର ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ପ୍ରକାଶଯୋଗ୍ୟ, ଯେ ଏହା ପୂର୍ବରୁ ସେ ମାନବିକ ଅଧିକାର ପ୍ରସଙ୍ଗରେ ଆମେରିକା, ଆର୍ମେନିଆ ଯାତ୍ରା କରିବା ସହିତ ସୁଇଜରଲାଣ୍ଡ ସ୍ଥିତ ଜାତିସଂଘ ମାନବିକ ଅଧିକାରପରିଷଦରେମଧ୍ୟଭାଗନେଇଛନ୍ତି।

# ଜୋରସୋରରେ ଚାଲିଛି ପ୍ରଚାର

ପିପିଲି/ଡେଲାଙ୍ଗ, ୨୩।୯(ଡି.ଏନ୍.ଏ./ସ୍ୱ.ପ୍ର.)

ଉପନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି, କଂଗ୍ରେସ ଦଳର ହେଭିୱେଟ ନେତାମାନେ ପିପିଲି ଓ ଡେଲାଙ୍ଗରେ ଡେରା ପକାଇ ନିଜ ପ୍ରାର୍ଥୀଙ୍କ ଭୋଟ ପାଇଁ ଦିନରାତି ଏକ କରିଦେଇଛନ୍ତି। ବିଜେଡି ତା'ର ଗଡ ବଜାୟ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇ ୱାର୍ଡ ସ୍ତରରୁ ଘରକୁ ଘର ବୁଲି ଲୋକଙ୍କ ପାଖରେ ପହଞ୍ଚି ଭୋଟ ଭିକ୍ଷା କରୁଛି। ଭାଜପା ପଞ୍ଚାୟତସ୍ତରୀୟ ସମାବେଶ କରି ରାଜ୍ୟ ସରକାରଙ୍କ କୁଶାସନ ଜନସାଧାରଣଙ୍କ ପାଖରେ ରଖି ଏଥର ନିଶ୍ଚିତ ପରିବର୍ତ୍ତନ ହେବ ବୋଲି କହୁଛି। ସେପଟେ କଂଗ୍ରେସର ହେଭିୱେଟ ମଧ୍ୟ ପିପିଲି ମଇଦାନକୁ ଓହ୍ଲାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତିମୂଳକ ଶାସନ ଉପରେ ବର୍ଷିଛନ୍ତି। ଆଗାମୀ ଦିନରେ କଂଗ୍ରେସ ଶାସନକୁ ଆସିଲେ ଅଞ୍ଚଳରେ ବିକାଶ ସୁନିଶ୍ଚିତ ବୋଲି ବରିଷ୍ଠ ନେତାମାନେ କହିଛନ୍ତି। ଏନେଇ ଗୁରୁବାର ପିପିଲି ଏନ୍‌ଏସିରେ ରାଜ୍ୟ କଂଗ୍ରେସର ବରିଷ୍ଠ ଯୁବ ନେତା ପ୍ରଦୀପ ମାଝି, ବିଧାୟକ ମହମ୍ମଦ ମୋକିମ, ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ରଙ୍କ ସହ ବହୁ ହେଭିୱେଟମାନେ ବୁଲି ଲୋକମାନଙ୍କ ପଖରେ ପହଞ୍ଚି ପ୍ରାର୍ଥୀ ବିଶ୍ୱକେଶନ ମହାପାତ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଆଗାମୀ ଦିନରେ ପିପିଲିରେ କଂଗ୍ରେସ ଆସିଲେ ନିଶ୍ଚିତ ବିକାଶ ହେବ ବୋଲି ନେତାମାନେ କହିଛନ୍ତି। ସେହିପରି ଡେଲାଙ୍ଗ ଗଡ଼ମୋଟାରି ଉଗ୍ରେଶ୍ୱର ମନ୍ଦିରରେ ବିଜେଡିର କର୍ମୀ ସମ୍ମିଳନୀ ହୋଇଛି। ଏଥିରେ ବିଧାୟକ ଧ୍ରୁବଚରଣ ସାହୁ, ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ସ୍ୱରାଜଲକ୍ଷ୍ମୀ ସାହୁ, ଆର୍ତ୍ତତ୍ରାଣ ସାହୁ, ବିଜୟ ଚମ୍ପତିରାୟ, ଅଜୟ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ନିକଟତର କରିବା ପାଇଁ ଆଲୋକପାତ କରିଥିଲେ। ଅରିସଲର ବଙ୍କିଲ ଗ୍ରାମରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ନବଘନ ପ୍ରଧାନ, ଜାହିର ଖାନ ପ୍ରମୁଖ ଗାଁ ବୁଲି ବିଜେଡି ପାଇଁ ଭୋଟ ଭିକ୍ଷା କରିଥିଲେ।

## ଜରିମାନା ଦେଲେ ବିଜେଡି ନେତା

ଡେଲାଙ୍ଗ ୨୩।୯(ଡି.ଏନ୍.ଏ.)

**କୋଭିଡ୍ ନିୟମ ଉଲ୍ଲଂଘନ**

ରେଞ୍ଚ ପଞ୍ଚାୟତରେ ଗୁରୁବାର ବିଜେଡିର ଡୋର କ୍ୟାମ୍ପେନିଂ ଚାଲୁଥିବା ବେଳେ କର୍ମୀମାନେ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିଲେ। ନେତା ଓ କର୍ମୀମାନେ ମାସ୍କ ପିନ୍ଧି ନ ଥିବାବେଳେ ସଂଖ୍ୟାଧିକ କର୍ମୀ ଏକାଠି ହୋଇଥିବା ଅଭିଯୋଗ ହୋଇଥିଲା। ଖବରପାଇ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ବିଜେଡି କର୍ମୀମାନଙ୍କୁ ଅଟକାଇ ଥିଲେ। କୋଭିଡ ଗାଇଡଲାଇନ ଉଲ୍ଲଂଘନ କରିଥିବା ନେଇ ଜଣେ ବରିଷ୍ଠ ରାଜନେତାଙ୍କ ଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ପୁନର୍ବାର ପ୍ରଚାର ସମୟରେ କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ କରିବେ ନାହିଁ ବୋଲି କର୍ମୀମାନେ କହିଥିଲେ। ବ୍ଲକ ସଭାପତି ବୈରାଗୀ ଜେନା ସମସ୍ତ କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସହିତ କୋଭିଡ୍ ଗାଇଡଲାଇନ ମାନିବା ପାଇଁ ନିବେଦନ କରିଥିଲେ।

## କୋଣାର୍କ, ଚନ୍ଦ୍ରଭାଗାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

କୋଣାର୍କ,୨୩।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟାୟଦୀପ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସଙ୍ଗଠନର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରଶ୍ମି ସୋନିଆ ତିର୍କି, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଭାଗୀରଥୀ ସ୍ୱାଇଁ ଓ ଜଗନ୍ନାଥ ବେହେରା ପ୍ରମୁଖ ଯୋଗଦେଇ କୋଣାର୍କକୁ ସୌନ୍ଦର୍ଯ୍ୟପୂର୍ଣ୍ଣ ସହର ଭାବେ ଗଢି ତୋଳିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ସଫେଇ କରାଯିବା ସହ ସୂର୍ଯ୍ୟମନ୍ଦିର ଟିକେଟ ଘର, ଚନ୍ଦ୍ରଭାଗା ମେରାଇନ ଥାନା, ବଜାର, ସମୁଦ୍ରକୂଳ ଆଦି ସ୍ଥାନରେ ଡଷ୍ଟବିନ ରଖାଯାଇଥିଲା। ଏଥିସହ ସୂର୍ଯ୍ୟମନ୍ଦିର ପରିସରରେ ହାତଧୁଆ କାର୍ଯ୍ୟକ୍ରମ ଓ ଚନ୍ଦ୍ରଭାଗାରେ ସଫେଇ କାର୍ଯ୍ୟ କରାଯାଇଥିଲା। ସମ୍ପାଦକ ନିତ୍ୟାନନ୍ଦ ମହାରଣା, ଅଲେଖ ବେହେରା, ମାନସ ପ୍ରଧାନ, ବାନାମ୍ବର ଜେନା, ବିଭୁଦେନ୍ଦୁ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସୂର୍ଯ୍ୟମନ୍ଦିର ସମ୍ମୁଖରେ ସଫେଇ କରାଯାଉଛି ।

# ବସ୍ତିରେ ରାସ୍ତା ନିର୍ମାଣ ପ୍ରକ୍ରିୟା ଆରମ୍ଭ

ପୁରୀ ଅଫିସ,୨୩।୯

- ଡ୍ରେନେଜ ବ୍ୟବସ୍ଥା ମଧ୍ୟ ନାହିଁ
- ୬ମାସ ପାଣିଘେରରେ ରହୁଥିଲେ

ବସ୍ତିବାସିନ୍ଦାଙ୍କ ନିରନ୍ତର ଉଦ୍ୟମ କାରଣରୁ ବର୍ଷ ବର୍ଷ ଧରି ପାଣି ଘେରରେ ରହୁଥିବା ମାର୍କଣ୍ଡେଶ୍ୱର ସାହିସ୍ଥିତ ଜଗନ୍ନାଥ ବସ୍ତିବାସିନ୍ଦାଙ୍କ ଦୁଃଖ ଶେଷରେ ଦୂର ହେବାକୁ ଯାଉଛି। ପାଣିଘେରରେ ଥିବା ବସ୍ତିବାସିନ୍ଦାଙ୍କ ଯାତାୟାତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୁରୀ ପୌରସଂସ୍ଥାର ୧ ନମ୍ବର ୱାର୍ଡ ଅନ୍ତର୍ଗତ ଏହି ବସ୍ତିରେ ଭଲ ରାସ୍ତା ଅଛି ନା ଜଳ ନିଷ୍କାସନ ପାଇଁ ନଳା। ବର୍ଷା ଦିନ ହେଉ ଅବା ଲଘୁଚାପଜନିତ ବର୍ଷା ହେଲେ ବସ୍ତିରେ ଜମୁଛି ଆଣ୍ଠୁଏ ଉଚ୍ଚାର ପାଣି ଜମି ରହୁଥିଲା। ଫଳରେ ଘରୁ ବାହାରିବା ଲୋକ ଓ ପିଲାମାନଙ୍କୁ ଅସୁବିଧା ହେଉଥିଲା। ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ବସ୍ତିବାସିନ୍ଦା ଏପରି ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେହିପରି ବସ୍ତିରେ ପାଣି ଜମିବା ଫଳରେ ବିଭିନ୍ନ ସଂକ୍ରମଣ ରୋଗ ହେଉଥିଲା। ଏହି ସମସ୍ୟାକୁ ଆଖି ଆଗରେ ରଖି ପ୍ରଶାସନ ଯଥାଶୀଘ୍ର ବସ୍ତିରେ ଉଚ୍ଚା ରାସ୍ତା ନିର୍ମାଣ କରିବା ସହ ଜଳ ନିଷ୍କାସନ କରିବାର ବ୍ୟବସ୍ଥା କରିବାକୁ ଜଗନ୍ନାଥ ବସ୍ତିବାସିନ୍ଦା ବାରମ୍ବାର ପ୍ରଶାସନକୁ ଜଣାଇଥିଲେ। ମାତ୍ର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିଲା।

ତେବେ ଗତ କିଛିଦିନି ତଳେ ହୋଇଥିବା ଲଘୁଚାପଜନିତ ବର୍ଷାରେ ବସ୍ତିରେ ପାଣି ଜମି ରହିଥିଲା। ୮ରୁ ୧୦ ଦିନ ଧରି ୪୦ ପରିବାରର ୧୦୦ରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଥିଲେ। ଏ ନେଇ ବସ୍ତି ବାସିନ୍ଦା ଗତ ୨୦ ତାରିଖରେ ଜିଲାପାଳଙ୍କୁ ଏ ନେଇ ଅଭିଯୋଗ କରିବା ସହ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଜିଲାପାଳ ଅବଗତ ହେବା ପରେ ଗୁରୁବାରଠାରୁ ବସ୍ତିରେ ରାସ୍ତା କାମ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ବସ୍ତିର ରାସ୍ତାକୁ ଉଚ୍ଚା କରିବା ପାଇଁ ମାଟି ପକାଯାଇଛି। ସାହିରେ ବାସ କରୁଥିବା ସୀମାଞ୍ଚଳ ପାଢୀଙ୍କ କହିବା ଅନୁଯାୟୀ, ୨୦ବର୍ଷ ଧରି ଏହି ଅଞ୍ଚଳରେ ରହିଆସିଛନ୍ତି , ସମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମୁଥିଲା। ପ୍ରାୟ ୬ ମାସ ପାଣି ଘେରରେ ରହୁଥିଲେ। ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣୁ ନ ଥିଲେ। ପାଣି ଜମି ରହିବା ଯୋଗୁ ବିଭିନ୍ନ ଜଳଜନ୍ତୁ ଘରେ ପଶୁଥିଲେ। ଏ ନେଇ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରଶାସନ ଅବଗତ ହେଲେ। ଗୁରୁବାର ପୌର ସଂସ୍ଥା ଏକ ଟିମ୍ ଆସି ଜେସିବି ମେଶିନ ସାହାଯ୍ୟରେ ମୋରମ ପକାଇ ରାସ୍ତାକୁ ଉଚ୍ଚା କରୁଛନ୍ତି। ସେହିପରି ବାସିନ୍ଦା ରିଙ୍କି ଶତପଥୀଙ୍କ କହିବା ଅନୁଯାୟୀ, ରାସ୍ତା ଏବଂ ଡ୍ରେନେଜ ନ ଥିବାରୁ ବସ୍ତିବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲୁ। ତେବେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଖୁସି ଲାଗୁଛି। ସେହିପରି ପାଣି ନିଷ୍କାସନ ପାଇଁ ଡ୍ରେନେଜ ନ ଥିବାରୁ ପାଣି ଜମି ରହୁଛି। ତେଣୁ ରାସ୍ତା ନିର୍ମାଣ ଭଳି ପ୍ରଶାସନ ଡ୍ରେନେଜ୍ ବ୍ୟବସ୍ଥା ମଧ୍ୟ କରନ୍ତୁ ବୋଲି କହିଛନ୍ତି।



ବସ୍ତିରେ ଥିବା ରାସ୍ତା ନିର୍ମାଣ ପାଇଁ ମେଟାଲ ପକାଯାଉଛି ।